## ସରିଲା ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା

# ଅନ୍ତିମ ଦିନରେ ୨୭ ବିଧାୟକ ଏବଂ ୧୧ ସାଂସଦ ପ୍ରାର୍ଥୀଙ୍କ ନାମାଙ୍କନ

**ବାଲେଶ୍ୱର, ୧୪।୫(ସମିସ):**

ଚଳିତ ସାଧାରଣ ନିର୍ବାଚନ ପାଇଁ ଗତ ୭ତାରିଖରୁ ନାମାଙ୍କନ ପତ୍ର ଦାଖଲ ଅନୁଷ୍ଠିତ ହେଉଛି। ପ୍ରଥମେ ୭ ତାରିଖରୁ୧୦ତାରିଖ ପର୍ଯ୍ୟନ୍ତ ୪ଦିନ ନାମାଙ୍କନ ପତ୍ର ଦାଖଲ ହୋଇଥିବା ବେଳେ ଗତ ଶନିବାର ଏବଂ ରବିବାର କାର୍ଯ୍ୟାଳୟ ବନ୍ଦ ରହିଥିଲା। ତେବେ ଗତକାଲି ପଞ୍ଚମ ଦିନରେ ନାମାଙ୍କନ ପତ୍ର ଦାଖଲ ହୋଇଥିବା ବେଳେ ଆଜି ନାମାଙ୍କନର ଶେଷ ଦିନ ଥିଲା। ଶେଷ ଦିନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଗୋଟିଏ ଲୋକସଭା ଏବଂ ସୋର, ସିମୁଳିଆ ଓ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନାମାଙ୍କନ ପତ୍ର ଦାଖଲ ଶେଷ ହୋଇଛି। ସେହିପରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଭୋଗରାଇ, ବସ୍ତା, ରେମୁଣା ଏବଂ ଜଳେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନାମାଙ୍କନ ପତ୍ର ଦାଖଲ ହୋଇଛି। ଆଜି ନାମାଙ୍କନର ଶେଷ ଦିନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ୧୩ଜଣ ପ୍ରାର୍ଥି ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ୧୧ଜଣ ପ୍ରାର୍ଥୀ ଲୋକସଭା ପାଇଁ ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଲୋକସଭା ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ପ୍ରାର୍ଥିମାନେ ହେଲେ ଅନୀଲ କୁମାର ମହାନ୍ତ(ସ୍ୱାଧୀନ), ରାଜେନ୍ଦ୍ର ଜେନା(ଭାରତୀୟ ନ୍ୟାୟ ଅଧିକାର ରକ୍ଷାପାର୍ଟି), ଡ. ଲେଖାଶ୍ରୀ ସାମନ୍ତ ସିଂହାର(ବିଜେଡି), ଶେଷ ନାମାଙ୍କନ ପତ୍ର ସେଟ), ଚିତ୍ତରଞ୍ଜନ ଷଡଙ୍ଗୀ (ସ୍ୱାଧୀନ), ମାନସ ଦାସ(ସମୃଦ୍ଧ ଓଡ଼ିଶା ଦଳ), ପ୍ରମୋଦ କୁମାର ପଟ୍ଟାୟତ(ସ୍ୱାଧୀନ), ସୂର୍ଯ୍ୟକାନ୍ତ ଦାସମହାପାତ୍ର(ନବ ନିର୍ମାଣ ଭାରତ ସେବା ପାର୍ଟି), ଶରତ କୁମାର ପାତ୍ର (ବହୁଜନ ମୁକ୍ତି ପାର୍ଟି), ଗୋବିନ୍ଦ ଚନ୍ଦ୍ର ଘଡାଇ(ନେସନାଲ ଆପନି ପାର୍ଟି), ନନ୍ଦନ ପାଲ(ଭାରତୀୟ ସମ୍ପୂର୍ଣ୍ଣ କ୍ରାନ୍ତିକାରୀ ପାର୍ଟି) ଏବଂ ଶ୍ରୀମଦ ମହର୍ଷି ଶ୍ରୀଶ୍ରୀ କମଳ ମହାପ୍ରଭୁ(ଅଖିଳ ଭାରତୀୟ ହିନ୍ଦୁମହାସଭା)। ସେହିପରି ନାମାଙ୍କନ ଦାଖଲ କରିଥିବା ବିଧାୟକ ପ୍ରାର୍ଥିମାନେ ହେଲେ ସୋର ନିର୍ବାଚନ ମଣ୍ଡଳୀରୁ କାଶିନାଥ ଦାସ(ସ୍ୱାଧୀନ), ରାକେଶ ମଲ୍ଲିକ(ସ୍ୱାଧୀନ), ପର୍ଶୁରାମ ଧଡ଼ା (ବିଜେପି), ଜିତେନ୍ଦ୍ର ସେଠୀ (ସ୍ୱାଧୀନ), ସିମୁଳିଆ ନିର୍ବାଚନ ମଣ୍ଡଳୀ ପାଇଁ ଗିତିରଞ୍ଜନ ବେହେରା (ଓଡ଼ିଶା ଜନତା ପାର୍ଟି), ପ୍ରଶାନ୍ତ ଚନ୍ଦ୍ର ପଣ୍ଡା (ସ୍ୱାଧୀନ), ସଦର ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିରୁ ସ୍ୱରୂପ କୁମାର ଦାସ, ମାନସ କୁମାର ଦତ୍ତ (ବିଜେପି), ସାଜନ ଅଲ୍ଲୀ ସାହା (ସମ୍ପୂର୍ଣ୍ଣ କ୍ରାନ୍ତୀ ପାର୍ଟି), ଗୋପାଲ ଖଣ୍ଡେଲୱାଲ(ସ୍ୱାଧୀନ), ଅନିନ୍ଦ୍ୟ ପଣ୍ଡା(ସ୍ୱାଧୀନ), ସନ୍ତୋଷ କୁମାର ମହାପାତ୍ର(ବିଏସପି) ପ୍ରମୁଖ ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ସେହିପରି ବାଲେଶ୍ୱର ଉପଜିଲ୍ଲାପାଳ ଏବଂ ଅତିରିକ୍ତ ସହକାରୀ ଉପଜିଲ୍ଲାପାଳଙ୍କ ନିକଟରେ ରେମୁଣା, ବସ୍ତା, ଭୋଗରାଇ ଓ ଜଳେଶ୍ୱର ନିର୍ବାଚନ ମଣ୍ଡଳୀରୁ ଦୁଇଜଣ ଦଳୀୟ ପ୍ରାର୍ଥୀଙ୍କ ସମେତ ୧୪ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନାମାଙ୍କନ ପତ୍ର ଦାଖଲ କରିଥିବା ପ୍ରାର୍ଥୀ ମାନଙ୍କ ମଧ୍ୟରୁ ଭୋଗରାଇ ନିର୍ବାଚନ କ୍ଷେତ୍ରରୁ ବିଜେପିର ପଦ୍ମ ଚିହ୍ନ ପ୍ରାର୍ଥୀ ଆଶିଷ ପାତ୍ର ଓ ଜଳେଶ୍ୱର ନିର୍ବାଚନ କ୍ଷେତ୍ରରୁ ବ୍ରଜ ମୋହନ ପ୍ରଧାନ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜେପି ପ୍ରାର୍ଥୀ ପାତ୍ର ଓ ପ୍ରଧାନ ମଙ୍ଗଳବାର ଦିନ ପୂର୍ବାହ୍ନରେ ଦଳୀୟ ନେତା, କର୍ମୀ ଓ ସମର୍ଥକ ମାନଙ୍କ ଗହଣରେ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଆସିଥିଲେ।ପରେ ଏହି ଦୁଇଜଣ ପ୍ରାର୍ଥୀ ଅତିରିକ୍ତ ସହକାରୀ ଉପଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କ ଠାରେ ଶପଥ ପାଠ କରିବା ପୂର୍ବକ ନାମାଙ୍କନ ପତ୍ର ଦାଖଲ କରିଥିଲେ।

ତେବେ ରେମୁଣା ନିର୍ବାଚନ ମଣ୍ଡଳୀର ବିଜେପିର ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ ପୂର୍ବରୁ ଦୁଇସେଟ ଦାଖଲ କରିଥିଲେ। ଆଜି ପୁଣି ଦୁଇ ସେଟ ଦାଖଲ କରି ଶପଥ ପାଠ ପୂର୍ବକ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜେପିର ଏହି ଦୁଇ ପ୍ରାର୍ଥୀଙ୍କ ନାମାଙ୍କନ ଶୋଭାଯାତ୍ରାରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ବଡ଼ସାହି ବିଧାୟକ ପ୍ରାର୍ଥୀ ସନାତନ ବିଜୁଳି, ରେମୁଣା ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ, ବସ୍ତା ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ, ସଦର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତ, ନିଳଗିରି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ, ବାଲେଶ୍ୱର କ୍ଲଷ୍ଟର ପ୍ରଭାରୀ ବିରଞ୍ଚି ନାରାୟଣ ତ୍ରିପାଠୀ, ପିଙ୍କି ପ୍ରଧାନ, ଠାକୁର ରଣଜିତ ଦାସ, ସଂଯୋଜକ ଶୁଭଙ୍କର ମହାପାତ୍ରଙ୍କ ସମେତ ଜିଲ୍ଲାର ସମସ୍ତ ପଦାଧିକାରୀ ଓ କର୍ମୀ ଅଂଶଗ୍ରହଣ କରିଥିଲେ। ଅପରପକ୍ଷରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଭୋଗରାଇ ବିଧାନସଭା କ୍ଷେତ୍ରରେ ଅସିତ କୁମାର ଚାନ୍ଦ, ଭଗବାନ ବେହେରା, ଜିତେନ୍ଦ୍ର ଜେନା ଆଜି ନାମାଙ୍କନ ଅତିରିକ୍ତ ସହକାରୀ ଉପଜିଲ୍ଲାପାଳଙ୍କ ଠାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିଭଳି ଜଳେଶ୍ୱର ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଦିବ୍ୟକାମ ମହାନ୍ତି, ହେମନ୍ତ କୁମାର ସାହୁ, ଭଗବାନ ବେହେରା ରମାକାନ୍ତ ଜେନା, ପୂର୍ଣ୍ଣ ଚନ୍ଦ୍ର ସିଂ ଓ ପ୍ରଦୀପ କୁମାର ସିଂ ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି।




























## ଶେଷ ସେଟ୍ ନାମାଙ୍କନ ପତ୍ର ଦାଖଲ କଲେ ଲେଖାଶ୍ରୀ



**ବାଲେଶ୍ୱର, ୧୪।୫(ସମିସ):** ଚଳିତ ସାଧାରଣ ନିର୍ବାଚନର ସପ୍ତମ ପର୍ଯ୍ୟାୟରେ ହେବାକୁ ଥିବା ମତଦାନ ପାଇଁ ଆଜି ଥିଲା ନାମାଙ୍କନପତ୍ର ଦାଖଲର ଶେଷ ଦିନ। ଏହି ଶେଷ ଦିନରେ ସାଂସଦ ପ୍ରାର୍ଥି ଲେଖାଶ୍ରୀ ସାମନ୍ତସିଂହାର ନିଜର ଶେଷ ସେଟ ନାମାଙ୍କନ ପତ୍ର ଆଜି ଜିଲ୍ଲାପାଳଙ୍କ ଠାରେ ପ୍ରଦାନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ, ମହାପ୍ରଭୁଙ୍କ ଆର୍ଶିବାଦ ରହିଛି ବିଜୁ ଜନତା ଦଳ ଉପରେ। ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାର ସଙ୍କଳ୍ପ ଓଡ଼ିଶା ବାସୀ ନେଇଛନ୍ତି। ବିଶେଷ ଭାବରେ ବାଲେଶ୍ୱର ବାସୀ ପ୍ରତିଜ୍ଞା କରିଛନ୍ତି ୮ ଟିଯାକ ବିଧାନସଭା ନିର୍ବାଚନ ମଣ୍ଡଳୀ ସମେତ ଲୋକସଭା ପ୍ରାର୍ଥିଙ୍କୁ ଜିତାଇବେ। ଗତ ୨୫ବର୍ଷର ତାଙ୍କର ସୁଶାସନ ସହିତ ସେବା ଆଜି ତାହା ପ୍ରତିଫଳିତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରତି ପ୍ରବଳ ଜନସମାଗମ ରହିଛି। ଅନ୍ୟପଟେ ଯେଉଁମାନେ କେବଳ ନିର୍ବାଚନ ସମୟରେ ଆସି ବଡ ବଡ କଥା କହୁଛନ୍ତି ଓଡ଼ିଶାବାସୀ ତାକୁ ମଧ୍ୟ ତର୍ଜମା କରୁଛନ୍ତି। କିଏ କେତେ କଟାକ୍ଷ କରୁଛି କିଏ କେତେ ଲାଂଛନା ଦେଉଛି, କିଏ କେତେ ଅସମ୍ମାନ କରିପାରୁଛି ତାର ମଧ୍ୟ ହିସାବ କରୁଛି। ଏକମାତ୍ର ମୁଖ୍ୟମନ୍ତ୍ରୀ ସବୁ ସହି ଓଡ଼ିଶା ବାସୀଙ୍କ ପାଇଁ ସିଏ ସମାଲୋଚନାକୁ ଖାତିର କରି ନାହାନ୍ତି। ଗାଳି ଗୁଲଜକୁ ମଧ୍ୟ ଖାତିର କରି ନାହାନ୍ତି ଏବଂ ନିରନ୍ତର ଭାବେ ଲୋକଙ୍କ ସେବା କରିଚାଲିଛନ୍ତି। ଏଥର କିଛି ଫାଇଟ ହେବାର ସମ୍ଭାବନା ନାହିଁ। ୱାନ ସାଇଡେଡ ଭାବେ ବିଜୁ ଜନତା ଦଳର ବିଜୟ ହେବ। ବାଲେଶ୍ୱରର ସମସ୍ତ କ୍ଷେତ୍ରରେ ବିଜୁ ଜନତା ଦଳର ବିଜୟ ହେବ ଏଥିରେ କୌଣସି ସନ୍ଦେହ ନାହିଁ। ବହୁ ପରିମାଣ ଭୋଟରେ ଜିତୁଛୁ। ମୁଖ୍ୟମନ୍ତ୍ରୀ ସେବା କ୍ଷେତ୍ରରେ ଯେଉଁ ରେକର୍ଡ ସୃଷ୍ଟି କରିଛନ୍ତି ତାହା ଅକାଟ୍ୟ। ତାକୁ କେହି କାଟି ପାରିବେ ନାହିଁ। ଯେଉଁମାନେ ଭାବୁଛନ୍ତି ଦିଲ୍ଲୀରୁ ବଡ ବଡ ନେତାମାନଙ୍କୁ ଆଣି ଏଠାରେ ଦେଖାଇ ତାଙ୍କ ଦ୍ୱାରା ନିର୍ବାଚନ ପାର ହେବେ ସେମାନେ ସେଇ ସ୍ୱପ୍ନ ରାଇଜରେ ରହି ଥାଆନ୍ତୁ ବୋଲି ସେ କହିଛନ୍ତି।

### ନୀଳଗିରି ବିଧାନସଭା ଆସନ

## ବିଭିନ୍ନ ଦଳର ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

**ନୀଳଗିରି, ୧୪।୫(ସମିସ):**

୨୦୨୪ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ନୀଳଗିରି ନିର୍ବାଚନ ମଣ୍ଡଳୀ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଉପଜିଲ୍ଲାପାଳଙ୍କ ଠାରେ ନିଜ ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଚଳିତ ମାସ ୭ ତାରିଖ ଠାରୁ ୧୪ ତାରିଖ ମଧ୍ୟରେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ରେ ସମୁଦାୟ ୭ ଜଣ ପ୍ରାର୍ଥୀ ବିଧାନସଭା ଆସନ ପାଇଁ ଧାର୍ଯ୍ୟ ସମୟରେ ଦାଖଲ କରିଥିବା ବେଳେ ସିପିଆଇ(ଏମ) ପକ୍ଷରୁ ଯୋଗାନନ୍ଦ ଦାଶ, ସିପିଆଇ ପକ୍ଷରୁ ଆଇନଜୀବୀ ଅଜୟ କୁମାର ପଟ୍ଟନାୟକ, ବିଜେଡିରୁ ଇଂ. ସୁକାନ୍ତ କୁମାର ନାୟକ, ବିଜେପିରୁ ସନ୍ତୋଷ ଖଟୁଆ, ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଅକ୍ଷୟ କୁମାର ଆଚାର୍ଯ୍ୟ, ସମୃଦ୍ଧ ଓଡ଼ିଶା ପକ୍ଷରୁ ଅରୁଣ କୁମାର ବାରିକ, ଜାତୀୟ ଆପନୀ ଦଳ ପକ୍ଷରୁ ଗଙ୍ଗାଧର



ନାୟକ ନିଜ ନିଜର ଆବଶ୍ୟକ ସମସ୍ତ ଦସ୍ତାବିଜ ସହିତ ନାମାଙ୍କନ ପତ୍ର ନିର୍ବାଚନ ଅଧିକାରୀ ତଥା ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ ଙ୍କ ଠାରେ ଦାଖଲ କରିଛନ୍ତି। ନାମାଙ୍କନ ଦାଖଲ ପାଇଁ ୨ ଜଣ ପ୍ରାର୍ଥୀ ଅର୍ଥ ପୈଠ କରିଥିଲେ ମଧ୍ୟ ଧାର୍ଯ୍ୟ ସମୟ ଅତିକ୍ରମ କରିଯାଇଥିବାରୁ ପ୍ରାର୍ଥୀ ପତ୍ର ଦାଖଲରୁ ବଞ୍ଚିତ ହୋଇଛନ୍ତି। ଦାଖଲ ପ୍ରକ୍ରିୟାରେ ଦୁଇ ଜଣ ସରକାରୀ ନିର୍ବାଚନ ଅଧିକାରୀ ସ୍ଥାନୀୟ ତହସିଲଦାର ଦିପ୍ତିମୟୀ ବେହେରା, ଔପଦା ତହସିଲଦାର ମିତାଲି ମଧୁଛନ୍ଦା ପାତ୍ର, ଆଇଟିଡ଼ିଏର ବରିଷ୍ଠ କିରାଣୀ ସ୍ୱସ୍ତିକ ଦାସ ସମେତ ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥଲେ। ଆସନ୍ତା ଜୁନ ୧ ତାରିଖରେ ମତଦାନ ପ୍ରକ୍ରିୟାରେ ମୋଟ ୨ ଲକ୍ଷ ୧୬ହଜାରରୁ ଉର୍ଦ୍ଧ ମତଦାତା ୨୧୯ ଗୋଟି ବୁଥରେ ମତ ଦାନ କରିବେ ବୋଲି ନିର୍ବାଚନ ଅଧିକାରୀ ଶ୍ରୀ ମହାଳିକ ପ୍ରକାଶ କରିଛନ୍ତି। ଏହି ସାଧାରଣ ନିର୍ବାଚନ ପ୍ରକ୍ରିୟା ନିମନ୍ତେ ନୀଳଗିରି ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ଅରୁଣ ସିକ୍ରି, ଆଇ ଏ ଏସ ନାମାଙ୍କନ ଦାଖଲର ଅନ୍ତିମ ଦିବସରେ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଦିଗ ଉପରେ ଉପଜିଲ୍ଲାପାଳ ଙ୍କ ସହିତ ବିଷଦ ଆଲୋଚନା କରିଥିଲେ।

# ବିଶାଳ ଶୋଭାଯାତ୍ରାରେ ଆସି ନାମାଙ୍କନ ଭରିଲେ ସ୍ୱରୂପ









ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳା

ବାଲେଶ୍ୱର, ୧୪।୫(ସମିସ):

ଚଳିତ ସାଧାରଣ ନିର୍ବାଚନର ସପ୍ତମ ପର୍ଯ୍ୟାୟରେ ହେବାକୁ ଥିବା ମତଦାନ ପାଇଁ ଆଜି ଥିଲା ନାମାଙ୍କନପତ୍ର ଦାଖଲର ଶେଷ ଦିନ। ଏହି ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ଏହି ଶେଷ ଦିନରେ ବିଜେଡିର ସଦର ବିଧାୟକ ପ୍ରାର୍ଥୀ ସ୍ୱରୂପ କୁମାର ଦାସ ଏକ ବିରାଟ ପଟୁଆରରେ ଆଜି ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହି ଶୋଭାଯାତ୍ରାରେ ୧୫ହଜାର ପାଖାପାଖି ଲୋକେ ସାମିଲ ଥିଲେ। ସେ ଆଜି ଶୁଭ ମୁହୂର୍ତ୍ତରେ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସେ ୧୧ଟା୧୦ରେ ପହଁଚିବା ପରେ ୧୧ଟା୧୬ମିନିଟରେ ସେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ପ୍ରକୋଷ୍ଠକୁ ଯାଇଥିଲେ। ଏବଂ ସେଠାରେ୧୧ଟା୨୦ମିନିଟ ସମୟରେ ନିଜର ନାମାଙ୍କନ ପତ୍ର ବଢ଼ାଇଥିଲେ। ଏହି ଅବସରରେ ସେ କହିଛନ୍ତି ଯେ, ପ୍ରଭୁ ଶ୍ରୀ ଜଗନ୍ନାଥ ଏବଂ ମୁଖ୍ୟମନ୍ତ୍ରୀଙ୍କ ଆର୍ଶୀବାଦରେ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସମର୍ଥକମାନଙ୍କ ଯେଉଁ ଭିଡ ଥିଲା ଆଜି ତାହା ପ୍ରମାଣ କରିଛି ବିଗତ ତିନି ବର୍ଷ ଆମେ ଲୋକମାନଙ୍କ ପାଖରେ ଥିଲୁ ଏବଂ ସେମାନଙ୍କ ପାଇଁ କାମ କରିଛୁ। ତାର ଆର୍ଶୀବାଦ ସ୍ୱରୂପ ଏଠାରେ ଥିବା ଜନସମୁଦ୍ର। ଆଗାମୀ ୫ବର୍ଷ ପାଇଁ ମଧ ଲୋକେ ଏଠାରେ ବିଜେଡି ନିର୍ବାଚିତ ହୋଇ ଲୋକମାନଙ୍କ କାମ କରୁ ବୋଲି ଚାହୁଁଛନ୍ତି ବୋଲି କହିଛନ୍ତି। ଏହାଛଡା ସେ କହିଛନ୍ତି ଯେ, ଏଇ ଯେଉଁ ଜନ ସମୁଦ୍ର ଆଜି ତାହା ବାଲେଶ୍ୱରର ବିକାଶର କଥା କହୁଛି, ସେବା ଓ ବିଶ୍ୱାସର କଥା କହୁଛି ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଯେଉଁ ନିର୍ବାଚନି ଇସ୍ତାହାର ଦେଇଛନ୍ତି ସେଥିରେ ପ୍ରତ୍ୟେକ ପରିବାର ଏବଂ ଯୁବ ସମାଜ ସେଥିରେ ଉପକୃତ ହେବ। ଏଥର ଫାଇଟ କେବଳ ବିଜୁ ଜନତା ଦଳ ସହ ବିଜୁ ଜନତା ଦଳର ହେବ। ଗତ ଥର ଯେଉଁ ମାର୍ଜିନରେ ବିଜୟୀ ହୋଇଥିଲେ ଏଥର ତାହା ତିନିଗୁଣ କରାଯିବ ତାହା ଉପରେ ଲକ୍ଷ୍ୟ ରଖାଯାଇଛି। ଭୋଟିଂ ୱାନ ସାଇଡେଡ ହେବ। ବାଲେଶ୍ୱର ଜନ ସାଧାରଣ ହେଉଛନ୍ତି ଶିକ୍ଷିତ ଜନ ସାଧାରଣ। ସେମାନେ ବିକାଶ ପାଇଁ ନିଜର ମତଦାନ କରିବେ। ବିଗତ ୨୫ବର୍ଷ ଧରି ମୁଖ୍ୟମନ୍ତ୍ରୀ ବାଲେଶ୍ୱରରେ ବିକାଶ କରି ଚାଲିଛନ୍ତି। ଆଜିର ଶୋଭାଯାତ୍ରାରେ ଯେତିକି ଲୋକ ଆସିଥିଲେ ତାର ଦଶ ଗୁଣା ଭୋଟ କନଭର୍ଟ ହେବ।

## ସିବିଏସ୍‌ଇ ପରୀକ୍ଷା ଫଳ | ମଡର୍ଣ୍ଣ ପବ୍ଲିକ୍ ସ୍କୁଲ ଛାତ୍ରଛାତ୍ରୀଙ୍କ ଶତପ୍ରତିଶତ ସଫଳତା



ବାଲେଶ୍ୱର, ୧୪।୫(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ଆୟୋଗ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ମଡର୍ଣ୍ଣ ପବ୍ଲିକ୍ ସ୍କୁଲ ଛାତ୍ରଛାତ୍ରୀ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ଦଶମ ପରୀକ୍ଷାରେ ୮୩ ଜଣ ୯୦.୧ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଦଶମ ଶ୍ରେଣୀ ଛାତ୍ର ପ୍ରିୟାଂଶୁ ଶେଖର ମିଶ୍ର ସର୍ବାଧିକ ୯୮.୪୦ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହେବା ସହିତ ଜିଲ୍ଲାର ଦ୍ୱିତୀୟ ଟପ୍ପର ସ୍ଥାନ ହାସଲ କରିଛନ୍ତି। ଓମକାର ପାଠୀ ୯୮.୨୦ ପ୍ରତିଶତ ଏବଂ ଅଶ୍ଳେଷା ଓଜସ୍ୱୀ ସାମନ୍ତ ୯୮ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ଦ୍ୱାଦଶ ପରୀକ୍ଷାରେ ୮ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତିତ୍ୱ ହାସଲ କରିଛନ୍ତି। ଆଦ୍ୟାଶା ମିଶ୍ର ୯୭.୬୦ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ଟପ୍ପର ହୋଇଛନ୍ତି। ସେହିପରି ଅଙ୍କିତ ମହାବୀର ତ୍ରିପାଠୀ ୯୫.୪ ପ୍ରତିଶତ ଏବଂ ଅୟେସ୍କାନ ଚୌଧୁରୀ ୯୪.୬ ପ୍ରତିଶତ ରଖିଛନ୍ତି। ଛାତ୍ରଛାତ୍ରୀମାନଙ୍କ ଏହି କୃତିତ୍ୱରେ ବିଦ୍ୟାଳୟ ପରିଚାଳନା ସମିତି, ଅଧ୍ୟକ୍ଷା, ଉପାଧ୍ୟକ୍ଷ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## କମ୍ରେଡ ରାଧାରମଣ ଷଡ଼ଙ୍ଗୀଙ୍କ ବିୟୋଗ

ବାଲେଶ୍ୱର/ନୀଳଗିରି, ୧୪।୫(ସମିସ): ମଙ୍ଗଳବାର ଦିବା ୨ ଘଡିକା ସମୟ ରେ ବିଶିଷ୍ଟ ଶ୍ରମିକ ନେତା ତଥା ନିଖିଳ ଓଡ଼ିଶା ପରିବହନ ଶ୍ରମିକ ମହାସଂଘର ପୂର୍ବତନ ସାଧାରଣ ସମ୍ପାଦକ ତଥା ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ୱର୍କର ୟୁନିୟନ ବାଲେଶ୍ୱର ର ସଭାପତି ତଥା ସିଆଇଟିୟୁ ର ପୂର୍ବତନ ରାଜ୍ୟ କମିଟି ସଦସ୍ୟ ଏବଂ ସଂଗଠିତ ଶ୍ରମିକ ସଂଗଠନ ର ପୂର୍ବତନ ରାଜ୍ୟ ସଭାପତି ରାଧା ରମଣ ଷଡଙ୍ଗୀଙ୍କ ଭୁବନେଶ୍ୱର ସ୍ଥିତ ଏମସ୍ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇ ଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୨ବର୍ଷ ବୟସ ହୋଇଥିଲା। ଓଡ଼ିଶାରେ ଗଣ ସଙ୍ଗଠନ କ୍ଷେତ୍ର ରେ ତାଙ୍କର ଅପାର ଦୂରଦୃଷ୍ଟି ଥିଲା। ତାଙ୍କର ଜନ୍ମ ଯାଜପୁର ଜିଲ୍ଲାର ଅଲଦୀୟା ଗ୍ରାମରେ ହୋଇଥିବା ସ୍ଥଳେ କର୍ମମୟ ଜୀବନ ବାଲେଶ୍ୱର ମୋଟର କର୍ମଚାରୀ ସଂଘରୁ ଆରମ୍ଭ କରି ରାଜ୍ୟ ତଥା ରାଜ୍ୟ ବାହାରେ ସିଆଇଟିୟୁର ନିଜକୁ ଜଣେ ଦକ୍ଷ ସଂଗଠକ ଭାବରେ ପ୍ରତିପାଦିତ କରିପାରିଥିଲେ। ତାଙ୍କ ବିୟୋଗରେ ଗଣ ସଂଗଠନ କ୍ଷେତ୍ର ରେ ଅପୂରଣୀୟ କ୍ଷତି ହୋଇଛି। ତାଙ୍କର ଶୋକ ସଂତପ୍ତ ପରିବାର ବର୍ଗ ଙ୍କୁ ସଂଗଠନ ପକ୍ଷରୁ ସମବେଦନା ଜଣାଯାଇଛି।

## ଘୋଡ଼ା ଚଢ଼ି ଆସିଲେ ପ୍ରତାପ ଷଡଙ୍ଗୀ



ବାଲେଶ୍ୱର, ୧୪।୫(ସମିସ): ଚଳିତ ସାଧାରଣ ନିର୍ବାଚନର ସପ୍ତମ ପର୍ଯ୍ୟାୟରେ ହେବାକୁ ଥିବା ମତଦାନ ପାଇଁ ଆଜି ଥିଲା ନାମାଙ୍କନପତ୍ର ଦାଖଲର ଶେଷ ଦିନ। ଏହି ଶେଷ ଦିନରେ ଘୋଡାଚଢ଼ି ନିଜର ଶେଷ ନାମାଙ୍କନ ପତ୍ର ସେଟ ଦାଖଲ କରିବାକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ ବିଜେପି ସାଂସଦ ପ୍ରାର୍ଥୀ ପ୍ରତାପ ଷଡ଼ଙ୍ଗୀ। ତାଙ୍କ ସହ ନାମାଙ୍କନ ପତ୍ର ଦାଖଲ ସମୟରେ ରାଜ୍ୟ ପ୍ରଭାରୀ ବିଜୟପାଳ ତୋମାର, ଜିଲ୍ଲାସଭାପତି ଉମାକାନ୍ତ ମହାପାତ୍ର, ବଡସାହି ବିଧାୟକ ପ୍ରାର୍ଥି ସନାତନ ବିଜୁଳି, ରେମୁଣା ବିଧାୟକ ପ୍ରାର୍ଥି ଗୋବିନ୍ଦଚନ୍ଦ୍ର ଦାସ, ବାଲେଶ୍ୱର କ୍ଲଷ୍ଟର ପ୍ରଭାରୀ ବିରଞ୍ଚି ନାରାୟଣ ତ୍ରିପାଠୀ, ପିଙ୍କି ପ୍ରଧାନ, ଠାକୁର ରଣଜିତ ଦାସ, ସଂଯୋଜକ ଶୁଭଙ୍କର ମହାପାତ୍ରଙ୍କ ସମେତ ଜିଲ୍ଲାର ସମସ୍ତ କର୍ମକର୍ତା ଉପସ୍ଥିତ ଥିଲେ।

## ଝାଡ଼େଶ୍ୱର ଇଣ୍ଟରନ୍ୟାସନାଲ ସ୍କୁଲ ଛାତ୍ରଛାତ୍ରୀଙ୍କ ସଫଳତା



ବାଲେଶ୍ୱର, ୧୪।୫(ସମିସ): ସିବିଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଝାଡେଶ୍ୱର ଇଣ୍ଟରନ୍ୟାସନାଲ ସ୍କୁଲର ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅଭୂତପୂର୍ବ ସଫଳତା ହାସଲ କରି ଗୌରବ ଆଣିଛନ୍ତି। ଦଶମ ଶ୍ରେଣୀର ଛାତ୍ରୀ ଶୁଭମୟୀ ପ୍ରଧାନ ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ରୀ ବନଜା ବି ରାଉତ ୯୫ ପ୍ରତିଶତରୁ ଅଧିକ ନମ୍ବର ରଖି ଶୀର୍ଷରେ ରହିଛନ୍ତି। ପ୍ରକାଶ ଥାଉ କି, ପ୍ରଥମ ସ୍ଥାନରେ ୯୨ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଦ୍ୱାଦଶରେ ୧୫ ଜଣ ଛାତ୍ରଛାତ୍ରୀ ଏବଂ ଦଶମରେ ୨ ଜଣ ଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ରଖିଛନ୍ତି। ଆଇପିରେ ଶତକଡା ଶହେ, ରସାୟନ ବିଜ୍ଞାନରେ ଶତକଡା ୯୯, ପଦାର୍ଥ ବିଜ୍ଞାନୀରେ ଶତକଡା ୯୯, ଶାରୀରିକ ଶିକ୍ଷାରେ ଶତକଡ଼ା ୯୯ ଏବଂ ଇଂରାଜୀରେ ଶତକଡା ୯୭ ପ୍ରତିଶତ ନମ୍ବର ଆଣି ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ଏହି ସଫଳତା ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ଶିକ୍ଷା ପ୍ରଦାନ କରିଥିବା ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକାମାନଙ୍କ ସୃଜନାତ୍ମକ ଅଧ୍ୟାପନା ପାଇଁ ଏହା ସମ୍ଭବ ହୋଇଛି ବୋଲି ଅନୁଷ୍ଠାନର ଚେୟାରମେନ ପରମାନନ୍ଦ ସାନ୍ତରା, ସମ୍ପାଦକ ସର୍ବେଶ୍ୱର ସାନ୍ତରା ମତପ୍ରକାଶ କରିଛନ୍ତି। ଏଥିସହିତ ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜ୍ଞାପନ ସହ ସମସ୍ତ କୃତି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଜଘାଟ, ୧୪।୫ (ସମିସ) : ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର ସନ୍ତୋଷପୁର ଛକ ନିକଟରୁ ରଙ୍ଗରୁଟରୁ ଯାଉଥିବା ଏକ ନମ୍ବର ବିହୀନ ବାଲି ବୋଝେଇ ଟ୍ରାକ୍ଟରକୁ ଜାତୀୟ ରାଜପଥ ପହରା ପୁଲିସ ଜବତ୍ କରିଛି। ଆଜି ଅପରାହ୍ଣରେ ଉକ୍ତ ଟ୍ରାକ୍ଟରଟି ସନ୍ତୋଷପୁର ଗ୍ରାମ ଭିତରୁ ବାଲି ବୋଝେଇ କରି ୬୦ ନମ୍ବର ଜାତୀୟ ରାଜପଥ ଦେଇ ରଙ୍ଗରୁଟରେ ଜଳେଶ୍ୱର ମୁହାଁ ଯିବା ସମୟରେ ଜାତୀୟ ରାଜପଥ ପହରା ପୁଲିସ ଟ୍ରାକ୍ଟରଟିକୁ ଅଟକାଇ ଟ୍ରାକ୍ଟର ଓ ଚାଳକକୁ ଅଟକ ରଖି ଅମର୍ଦ୍ଦାରୋଡ ଫାଣ୍ଡି ଅଧିକାରୀଙ୍କ ଜିମା ଦେଇଥିଲେ। ଅଟକ ଚାଳକ ଜଣକ ହେଲେ ବସ୍ତା ଥାନା ଗୋପୀନାଥପୁର ଗ୍ରାମର ଯୋଗେନ୍ଦ୍ର ଜେନା। ଫାଣ୍ଡି ଅଧିକାରୀ ସନ୍ଦୀପ କୁଜୁର ଘଟଣାର ତଦନ୍ତ ଜାରି ରଖିଛନ୍ତି।

## ବର୍ଷିୟାନ ସାମ୍ବାଦିକ ଚିତ୍ତରଞ୍ଜନ ସାହୁଙ୍କ ବିୟୋଗରେ ଶୋକସଭା



ବାଲେଶ୍ୱର, ୧୪।୫(ସମିସ): ବାଲେଶ୍ୱରର ବର୍ଷିୟାନ ସାମ୍ବାଦିକ ଚିତ୍ତରଞ୍ଜନ ସାହୁଙ୍କର ଗତ ୧୩ ତାରିଖ ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟ ଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ସେ ଅସୁସ୍ଥ ଥିବା ବେଳେ ହଠାତ୍ ଗୁରୁତର ହୋଇପଡ଼ିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଥିଲା। ମୃତ୍ୟୁବେଳକୁ ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ଧରି ବାଲେଶ୍ୱରରେ ଜିଲ୍ଲା ପ୍ରତିନିଧି ଭାବରେ ସାମ୍ବାଦିକତା କରିଛନ୍ତି। ହିନ୍ଦୁସ୍ଥାନ ସମାଚାର ନାମକ ଏକ ବହୁଭାଷୀ ସମ୍ବାଦ ସରବରାହ ସଂସ୍ଥାରେ ପ୍ରାୟ ୫୦ ବର୍ଷ ଧରି ଜିଲ୍ଲା ପ୍ରତିନିଧି ଭାବରେ କାର୍ଯ୍ୟ କରିଆସୁଥିଲେ। ତାଙ୍କର ବିୟୋଗରେ ବାଲେଶ୍ୱର ସାମ୍ବାଦିକ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ଆଜି ଅପରାହ୍ନରେ ସ୍ଥାନୀୟ ସାମ୍ବାଦିକଙ୍କ ପ୍ରକୋଷ୍ଠ ଠାରେ ତାଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ସାମ୍ବାଦିକମାନଙ୍କ ପକ୍ଷରୁ ଏକ ଏକ ଶୋକସଭାର ଆୟୋଜନ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ବିପ୍ଲବ କୁମାର ମହାନ୍ତି ଏହି ଶୋକସଭାରେ ଅଧ୍ୟକ୍ଷତା କରି ସ୍ୱର୍ଗତଃ ସାହୁଙ୍କ ସାମ୍ବାଦିକ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସମୂହ ନୀରବ ପ୍ରାର୍ଥନା ଓ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ, ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗ, ଦେବବ୍ରତ ପାଣିଗ୍ରାହୀ, ଉବାଚକ ମହାନ୍ତି, ତପନ ବିଶ୍ୱାଳ, ସେଇଠୁ ଆରମ୍ଭ ସମ୍ପାଦକ ଶୁଭେନ୍ଦୁ ଦାସ, ଅଧିପ ଜେନା, ଅଜିତ ମହାନ୍ତି, ରମଣୀ ରଞ୍ଜନ ଦାସ, କମଳାକାନ୍ତ ନାୟକ, ଅରୂପ ନାରାୟଣ ମହାନ୍ତି, ଅଭୟ ଦାସ ପ୍ରମୁଖ ଏହି ଶୋକସଭାରେ ଯୋଗଦେଇ ସ୍ୱର୍ଗତଃ ଚିତ୍ତରଞ୍ଜନଙ୍କ ଉଦ୍ଦେଶ୍ୟରେ ସ୍ମୃତି ଚାରଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ସାମ୍ବାଦିକ ବ୍ରହ୍ମାନନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ମହିଳା କ୍ରିକେଟ ପ୍ରତିଯୋଗିତା

## ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟର ୧୪ ଛାତ୍ରୀଙ୍କ ଖୋର୍ଦ୍ଧା ଯାତ୍ରା



ବାଲେଶ୍ୱର, ୧୪।୫(ସମିସ): ଓଡ଼ିଶା ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟ ସଂଗଠନ ଭୁବନେଶ୍ୱରଙ୍କ ନିମନ୍ତ୍ରଣ କ୍ରମେ ଆଜି ସକାଳେ ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟର ୧୪ ଛାତ୍ରୀ ଖୋର୍ଦ୍ଧା ଅଭିମୁଖେ ଯାତ୍ରା କରିଛନ୍ତି। ମେ ମାସ ୧୪ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସ୍ତରୀୟ ୫ମ ମହିଳା ଦୃଷ୍ଟିବାଧିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖୋର୍ଦ୍ଧା ନିକଟସ୍ଥ କେ ଟି ଗୋଲବାଲ୍ ସ୍କୁଲ ଠାରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୭ ଟି ଦଳ ଭାଗ ନେବେ। ଆଜି ସକାଳେ ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀ ଦିବାକର ସ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କ୍ରିଷ୍ଣା ଚନ୍ଦ୍ର ବେହେରା ଉପସ୍ଥିତ ରହି ଖେଳାଳି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭକାମନା ସହ ଦଳର ବିଜୟ ଆଶ୍ରିବାଦ ରଖିଥିଲେ। ଦଳର କ୍ୟାପଟେନ ଭାବରେ ଅନ୍ତର୍ଜାତୀୟ ମହିଳା ଖେଳାଳି ପଦ୍ମିନୀ ଟୁଡୁ, ସ୍ମୃତିରେଖା ପ୍ରଧାନ, ସରସ୍ୱତୀ ମୁର୍ମୁ, ସୁମିତ୍ରା ସିଂ, ମାହେଶ୍ୱରୀ ପ୍ରଧାନ, ପାର୍ବତୀ ମର୍ଣ୍ଡି (ଉପ ଅଧିନାୟିକା), ସରସ୍ୱତୀ ପଡ଼ିଆରୀ, ସୁଲଚନା ସିଂ, ଶିଲି ମୁର୍ମୁ, ମିତା ସିଂ, ମିନି ମହନ୍ତ, ସୁଲୋଚନା ସିଂ (୨), ଇତି କ୍ରିଷ୍ଣା ଭଞ୍ଜ ଓ ମେଘନା ସିଂ ସାମିଲ ହୋଇଥିବା ବେଳେ କ୍ରୀଡା ଶିକ୍ଷକ ପ୍ୟାରୀମୋହନ ଭୂୟାଁ ଓ ସହଯୋଗୀ ସୋମନାଥ ରାଉତଙ୍କ ତତ୍ତ୍ୱାବଧାନରେ ଯାତ୍ରା କରିଛନ୍ତି।

## ପିଏକ୍ସଇରେ ଜାତୀୟ ପ୍ରଯୁକ୍ତି ଦିବସ ପାଳିତ



ବାଲେଶ୍ୱର, ୧୪।୫(ସମିସ): ଚାନ୍ଦିପୁର ପିଏକ୍ସଇ ପରିସରରେ ଜାତୀୟ ପ୍ରଯୁକ୍ତି ଦିବସ ପାଳିତ ହୋଇଯାଇଛି। 'ବିଦ୍ୟାଳୟରୁ ନୂତନ ଉଦ୍ୟୋଗୀ ପାଇଁ ଯୁବ ମାନସକୁ ପ୍ରେରିତ କରିବା' ଏହି ଆହ୍ୱାନକୁ ବାବଦରେ ଆଲୋଚନା କରାଯାଇଥିଲା। ପିଏକ୍ସଇ ବୈଜ୍ଞାନିକ ଅଞ୍ଜନ ଶାହାଙ୍କ ଦ୍ୱାରା 'ଯୁଦ୍ଧାସ୍ତ୍ର ପରୀକ୍ଷଣ ସମୟରେ ଉଚ୍ଚସ୍ତରୀୟ ପାଣିପାଗ ତଥ୍ୟର ପ୍ରଭାବ' ବିଷୟରେ ପ୍ରସ୍ତୁତ ନିଜର ଗବେଷଣା ଲବଧ ଆଲେଖ୍ୟକୁ ଉପସ୍ଥାପନ କରିଥିଲେ। ଏଥିପାଇଁ ତାଙ୍କୁ ଡିଆରଡିଓ ତରଫରୁ ମେଡାଲ ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଲିକତାର ଯାନ୍ତ୍ରିକ ଓ ପ୍ରବନ୍ଧନ ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡ. ଅନିର୍ବାଣ ଦାସ 'କୃତ୍ରିମ ବୁଦ୍ଧିମତ୍ତା ଅନୁସନ୍ଧାନ ଓ ବିକାଶର ସମର୍ଥନ ମାନଙ୍କର ପୂର୍ଣ୍ଣତା ଓ ଅଭିବୃଦ୍ଧି' ବିଷୟରେ ତଥ୍ୟ ଭିତ୍ତିକ ଅଭିବ୍ୟକ୍ତି ରଖିଥିଲେ। ପିଏକ୍ସଇର ନିର୍ଦ୍ଦେଶକ ସୁବୋଧ କୁମାର ନାୟକ ପ୍ରତିରକ୍ଷା ସାମରିକ ପରୀକ୍ଷଣ ଓ ମୂଲ୍ୟାୟନ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ଯୋଗଦାନ ଓ ଉପଲବ୍ଧି ବିଷୟରେ ଆଲୋଚନା କରିଥିଲେ। ପ୍ରକାଶ ଥାଉ କି, ୧୯୯୮ ମସିହ ମେ ମାସ ୧୧ ରେ ପୋଖରାନ୍ -୨ୟ ସଫଳ ପରୀକ୍ଷଣକୁ ମନେ ପକେଇବା ପାଇଁ ପ୍ରତିବର୍ଷ ଏହି ଦିନ ଜାତୀୟ ପ୍ରଯୁକ୍ତି ଦିବସ ପାଳନ କରାଯାଏ।

## ବେପରୁଆ ରାସ୍ତା ନିର୍ମାଣକୁ ନେଇ ଅସନ୍ତୋଷ



ଖଇରା, ୧୪।୫ (ସମିସ):

ବାଲେଶ୍ୱର ଜିଲ୍ଲାର ଖଇରା ଓ ଔପଦା ବ୍ଲକକୁ ସଂଯୋଗ କରୁଥିବା ଖଇରା-ଭଞ୍ଜପଦା ଗ୍ରାମ୍ୟ ଉନ୍ନୟନ ରାସ୍ତା କାମ କିଛି ଆରମ୍ଭ ହୋଇଛି। ତେବେ ରାସ୍ତା ନିର୍ମାଣକୁ ନେଇ ରାସ୍ତା ସଂଲଗ୍ନ ଗ୍ରାମ ଗୁଡିକର ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ରାସ୍ତାର ସ୍ଥାୟିତ୍ୱ ନେଇ ସାରକୋଣା, ବିଦ୍ୟାଧରପୁର ଶାସନ, ମୁକ୍ତାବେଗୁନିଆ, କେନ୍ଦୁଭଦଳୀ, ଭଞ୍ଜପଦା ଗ୍ରାମର ଲୋକେ ପ୍ରଶ୍ନ ଉଠାଇବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଶୋଚନୀୟ ରାସ୍ତାର ପୁନର୍ନିର୍ମାଣ ପାଇଁ ବାରମ୍ବାର ଦାବି ପରେ ୪କିମି ୩ଶହ ମିଟର ରାସ୍ତା ନିର୍ମାଣ ପାଇଁ ଆନୁମାନିକ ୪କୋଟି ୭୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କାର୍ଯ୍ୟ ଆରମ୍ଭର ସମୟ ୨୦୨୪ମାର୍ଚ୍ଚ୧୫ ଥିବା ବେଳେ ଶେଷ ଅବଧି ୨୦୨୪ ଡିସେମ୍ବର ୧୪ତାରିଖରେ ଅଛି। ଏବେ କିଛି ଦିନ ତଳେ ଭଞ୍ଜପଦା ଗ୍ରାମ ନିକଟରୁ ଆରମ୍ଭ ହୋଇଛି। ହେଲେ ରାସ୍ତା ନିର୍ମାଣରେ ବ୍ୟବହୃତ କଞ୍ଚାମାଲ ନିମ୍ନ ମାନର ବୋଲି ଗ୍ରାମବାସୀ ଅଭିଯୋଗ କରିଛି। ରାସ୍ତାର ୨ପାର୍ଶ୍ୱକୁ ପ୍ରଶସ୍ତୀକରଣ କରାଯାଉଥିବା ବେଳେ ଏହା ଏଷ୍ଟିମେଟ ଅନୁଯାୟୀ କରାଯାଉନଥିବା ନେଇ ବହୁ ଗ୍ରାମବାସୀ ଆପତ୍ତି ଉଠାଇଛନ୍ତି। ସେହିଭଳି ମୁକ୍ତାବେଗୁନିଆ ନିକଟରେ ଚାଲିଥିବା ଡ୍ରେନକାମ ରେ ମଧ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଆରଡି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସେଣ୍ଙ୍କୁ ଯୋଗାଯୋଗ କରିବାରେ ଖୁବଶୀଘ୍ର ରାସ୍ତା ପରିଦର୍ଶନ ପାଇଁ ଅଧିକ୍ଷଣ ଯନ୍ତ୍ରୀଙ୍କ ସହିତ ରାସ୍ତାକୁ ଯିବେ ବୋଲି କହିଛନ୍ତି।

# ୭ ଦିନ ହେଲା ବନ୍ଦ ତାମୁଲିଆ-ଡିଆରଡିଓ ରାସ୍ତା



● ଆନ୍ଦୋଳନ ସମର୍ଥନରେ ବାହାରିଲେ ବୁଦ୍ଧିଜୀବୀ
● ଆସନ୍ତା ଶନିବାର ଜିଲ୍ଲାପାଳଙ୍କ ସହ ଆଲୋଚନା ନିଷ୍ପତ୍ତି

ବାଲେଶ୍ୱର, ୧୪।୫(ସମିସ):

ତାମୁଲିଆ ଉଡନ୍ତା ପୋଲଠାରୁ ଡିଆରଡିଓ ଲିଙ୍କ୍ ରୋଡ୍ ରାସ୍ତା ନିର୍ମାଣ ସମସ୍ୟା ନେଇ ମେଘଡମ୍ବରୁ ବିକାଶ ପରିଷଦ ତରଫରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ରାସ୍ତା ନିର୍ମାଣ ପାଇଁ ଜିଲ୍ଲାପାଳ, ଏମ୍.ପି. ପ୍ରତାପ ଷଡ଼ଙ୍ଗୀଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି ସୁଫଳ ନମିଳିବାରୁ ସ୍ଥାନୀୟ ବାସିନ୍ଦାମାନେ ଗତ ୭ ତାରିଖ ମଙ୍ଗଳବାର ଠାରୁ ଏହି ରାସ୍ତାକୁ ବନ୍ଦ କରିଦେଇଛନ୍ତି। ତେବେ ସଭାର ନିଷ୍ପତ୍ତି କ୍ରମେ ରାସ୍ତା ବନ୍ଦ ଚାଲୁ ରହିବ ଏବଂ ଆସନ୍ତା ଶନିବାର ଦିନ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରାଯିବାକୁ ଯୋଜନା କରାଯାଇଛି। ସୂଚନାଯୋଗ୍ୟ ଯେ, ପ୍ରାୟ ୪ ବର୍ଷ ତଳେ ଡିଆରଡିଓର ଏକ ନୂତନ ରାସ୍ତା ପାଇଁ ତାମୁଲିଆ ପୋଲ ଏବଂ ଜ୍ୟୋତି ହସପିଟାଲ୍ ନିକଟସ୍ଥ ଓ.ଟି. ରୋଡ୍ ଠାରୁ ପାତ୍ରପଡ଼ା ପର୍ଯ୍ୟନ୍ତ ଜମି ଅଧିଗ୍ରହଣ କରାଯାଇ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହୋଇଥିଲା। ପର୍ଯ୍ୟାୟକ୍ରମେ ଜମି ଅଧିଗ୍ରହଣ ସମୟରେ ତାମୁଲିଆ ପୋଲ ନିକଟରେ ୨୨ ପରିବାରକୁ ଉଚ୍ଛେଦ କରାଗଲା ଏବଂ ପ୍ରାୟ ୧୦୦ଟି ଗଛ କଟାଗଲା। ମାତ୍ର ଏପର୍ଯ୍ୟନ୍ତ ଉଚ୍ଛେଦ କରାଯାଇଥିବା ଜମିହୀନ ପରିବାରକୁ ଥଇଥାନ କରାଗଲାନାହିଁ। ତାମୁଲିଆ ପୋଲଠାରୁ ଡିଆରଡିଓ ରାସ୍ତା ( ପ୍ରାୟ ୪୦୦ ମିଟର ଦୈର୍ଘ୍ୟ)କୁ ଟେମ୍ପରାରୀ ସର୍ଭିସ୍ ରୋଡ୍ କରି ପ୍ରତ୍ୟେକ ଦିନ ଶହ ଶହ ଡମ୍ପରରେ ମାଟି, ଚିପ୍ସ, ବାଲି ବୁହା ଚାଲିଲା। ଏହି ରାସ୍ତାରେ ମଧ ମାଛ ଗାଡ଼ି, ବସ୍ ଓ ଅନ୍ୟାନ୍ୟ ଭାରୀଯାନ ଚଳାଚଳ କଲା। ଫଳରେ ସର୍ଭିସ୍ ରୋଡ୍‌ଟି ଖାଲଖମାରେ ପରିଣତ ହୋଇଯାଇଛି। ତଥାପି ଏହି ରାସ୍ତା ପାର୍ଶ୍ୱ ବିଲରେ ପ୍ରତ୍ୟେକ ଦିନ ଶହ ଶହ ଗାଡ଼ି ଚାଲିବା ଫଳରେ ଅତିରିକ୍ତ ଧୂଳିରେ ସ୍ଥାନୀୟ ବାସିନ୍ଦାମାନେ ହନ୍ତସନ୍ତ ହେଉଛନ୍ତି। ବର୍ତ୍ତମାନ ଡିଆରଡିଓ କର୍ତ୍ତୃପକ୍ଷ କହୁଛନ୍ତି, ଯଦିଓ ରାସ୍ତାର ଟେଣ୍ଡର ହୋଇଛି କିନ୍ତୁ ସେମାନେ ଏହି ରାସ୍ତା ତିଆରି କରିବେ ନାହିଁ। କାରଣ ତାଙ୍କ ପାଖରେ ଫଣ୍ଡ ନାହିଁ। ବର୍ତ୍ତମାନର ମୁଖ୍ୟ ସମସ୍ୟା ହେଲା ଯେଉଁମାନେ ଡିଆରଡିଓକୁ ଜମି ଦେଲେ କିମ୍ବା ତାଙ୍କ ରାସ୍ତା ଡିଆରଡିଓକୁ ଚାଲିଗଲା ସେମାନେ ଘରୁ ବାହାରିବେ କିପରି। ବିଭିନ୍ନ ପ୍ରକାର ଅସୁବିଧାରେ ପଡ଼ି ଅଞ୍ଚଳବାସୀ ଅନ୍ୟ କିଛି ଉପାୟ ନପାଇ ଦୀର୍ଘ ୭ ଦିନ ହେଲା ରାସ୍ତାକୁ ଅବରୋଧ କରି ରଖିଛନ୍ତି। ପରିସ୍ଥିତିର ଗୁରୁତ୍ୱକୁ ଉପଲବ୍ଧି କରି ବାଲେଶ୍ୱର ସହରର ବୁଦ୍ଧିଜୀବୀ ଓ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ଅଞ୍ଚଳବାସୀଙ୍କୁ ସମର୍ଥନ କରିଛନ୍ତି। ଏହି ସଭାରେ ମେଘଡମ୍ବରୁ ବିକାଶ ପରିଷଦର ଆବାହକ ମହେଶ୍ୱର ବେହେରା, ସମ୍ପାଦକ ଗୌରାଙ୍ଗ ପାତ୍ର, ଯୁଧିଷ୍ଠିର ପ୍ରମାଣିକ, ରବୀନ୍ଦ୍ର ମହାଳିକ, ପୂର୍ବତନ ଏମ୍.ଏଲ୍.ଏ. ସୁଦର୍ଶନ ଜେନା, କୁରୁଡ଼ା ସରପଞ୍ଚ ତାପସ ପାଣିଗ୍ରାହୀ, ମେଡିକାଲ୍ କ୍ରିୟାନୁଷ୍ଠାନ କମିଟିର ସଭାପତି ଆଡଭୋକେଟ୍ ନିରଞ୍ଜନ ପରିଡ଼ା, ସିଭିଲ ସୋସାଇଟି ଉପଦେଷ୍ଟା ସୀତାରାମ ପ୍ରଧାନ, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଦାମୋଦର ନାୟକ, ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ଶ୍ୟାମସୁନ୍ଦର ଜେନା, ବିଜୁଳି କର୍ମଚାରୀ ସଂଘର ସମ୍ପାଦକ ଭରତ ସେଠୀ, ବନିତା ନାୟକ, ଭ୍ରମରବର ପାତ୍ର, ଅନନ୍ଦ ଦାସ, ସ୍ମୃତି ରାଉତ, ଗଦାଧର ପ୍ରଧାନ, ରାଜେଶ ଚାଟାର୍ଜୀ, ନମିତା ପାଢ଼ି, ସୂର୍ଯ୍ୟମଣି ମହାଳିକ, ତପନ ନାୟକ, ମିନତୀ ଦାସ, ବିଶ୍ୱଜିତ୍ ସାହୁ ପ୍ରମୁଖ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ବିଜେଡିର ଜନ ସମାବେଶ ଓ ମିଶ୍ରଣ ପର୍ବ



ଜଳେଶ୍ୱର ବ୍ଲକ, ୧୪।୫ (ସମିସ): ଜଳେଶ୍ୱର ବିଜେଡି ପକ୍ଷରୁ ମହମ୍ମଦ ନଗର ପାଟଣା ଗ୍ରାମ ପଞ୍ଚାୟତରେ କର୍ମୀ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଜେଡି ସଭାପତି ଦିଲ୍ଲୀପ କୁମାର ସାମଲଙ୍କ ପୌରୋହିତ୍ୟରେ ବାଲେଶ୍ୱର ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତ ସିଂହାର, ଜଳେଶ୍ୱର ବିଧାୟକ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ନବୀନ ପଟ୍ଟନାୟକ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବାବଦରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାଲେଶ୍ୱର ବିଜେଡି ଜିଲ୍ଲା ଯୁଗ୍ମ ସଂଯୋଜକ ରଣଜିତ୍ ମହାପାତ୍ର, ବିଜେଡି ନେତ୍ରୀ ତଥା ଅଭିନେତ୍ରୀ ଜିନା ସାମଲ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନସୂୟା ପ୍ରଧାନ, ଜଳେଶ୍ୱର ବ୍ଲକ ବିଜେଡି ସଭାପତି ଦିଲ୍ଲୀପ କୁମାର ସାମଲ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ପୌରପାଳ ପ୍ରଦୀପ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ନଗର ସଭାପତି ସୁରଜିତ ଘୋଷ, ବରିଷ୍ଠ ବିଜେଡି ନେତା ଲେଲିନ କୁମାର ପ୍ରଧାନ, ସଞ୍ଜୟ କୁମାର ମହାନ୍ତି, ମଧୁସୂଦନ ସେନାପତି, ସରପଞ୍ଚ ଅରୁଣ କୁମାର ସେନାପତି, ବ୍ଲକ ଯୁବ ସଭାପତି ବିଶ୍ୱଜିତ୍ ପାଳ, ବ୍ଲକ ଛାତ୍ର ସଭାପତି ସୌରଭ ଦାସ ପ୍ରମୁଖ ଉପସ୍ଥିତ ରହି ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ବିଜେପି ଜିଲ୍ଲା ଉପ ସଭାପତି ପ୍ରବୀର କୁମାର ପ୍ରଧାନ ଓ ପୂର୍ବତନ ସରପଞ୍ଚ ପ୍ରତିନିଧି ବିନୋଦ କୁମାର ମହାନ୍ତିଙ୍କ ସହ ୧୦୦ ରୁ ଉର୍ଦ୍ଧ୍ୱ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ସେମାନଙ୍କୁ ସାଂସଦ ପ୍ରାର୍ଥୀନୀ ଓ ବିଧାୟକ ପ୍ରାର୍ଥୀ ଦଳର ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ଦଳକୁ ପାଛୋଟି ଆଣିଥିଲେ ଏବଂ ଏହି ମିଶ୍ରଣ ବିଜେଡିକୁ ବହୁ ଶକ୍ତିଶାଳୀ କରିବ ବୋଲି କହିଥିଲେ। ଶେଷରେ ସଞ୍ଜିତା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ବାମପନ୍ଥୀ ଦଳ ପକ୍ଷରୁ ନିର୍ବାଚନୀ ସଭା



ନୀଳଗିରି, ୧୪।୫(ସମିସ) : ନିର୍ବାଚନ ଯେତେ ପାଖେଇ ଆସୁଛି ବିଭିନ୍ନ ଦଳ ଭୋଟ ହାତେଇବା ପାଇଁ ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ସିପିଆଇ(ଏମ) ଦଳର ନୀଳଗିରି ବିଧାନସଭା ଆସନରେ ପକ୍ଷରୁ ପ୍ରତିଦ୍ୱନ୍ଦିତା କରୁଥିବା ଯୋଗାନନ୍ଦ ଦାଶ ନିର୍ବାଚନୀ ପ୍ରଚାରକୁ ଜୋର ଦାର କରିଛନ୍ତି। ଆଜି ନୀଳଗିରି ବ୍ଲକ ର ପିଠାହାତା ପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ନିର୍ବାଚନୀ ସଭା କରାଯାଇଥିଲା। ଏଥିରେ ଶ୍ରୀହରି ବେହେରା ସଭାପତିତ୍ୱ କରିଥିଲେ। ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପତ୍ର, ପ୍ରାର୍ଥୀ ଯୋଗାନନ୍ଦ ଦାଶ, ଗଙ୍ଗାଧର ମହାନ୍ତି, ଅମରେନ୍ଦ୍ର ଦାସ ମଞ୍ଚାସୀନ ଥାଇ ନିଜନିଜର ମତ ପ୍ରକାଶ କରିଥିଲେ। ଅନ୍ୟ ନେତୃମଣ୍ଡଳୀ ମାନଙ୍କ ମଧ୍ୟରେ ମନୋରଞ୍ଜନ ବେହେରା, ବାଦଲ ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା, ଡୁମା ସେନାପତି, ରେବତୀ ବେହେରା, ସାରମଣୀ ବେହେରା, ଆରତୀ ବେହେରା ପ୍ରମୁଖ ଦଳୀୟ କର୍ମୀ ଓ ଭୋଟର ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଆଘାତରେ ନାବାଳିକା ଗୁରୁତର

ଔପଦା, ୧୪।୫(ସମିସ): ଔପଦା ବ୍ଲକ ଅଧିନ ତଳକିଆ ଗ୍ରାମର ଗଙ୍ଗାଧର ବେହେରାଙ୍କ ଝିଅ ଗାୟତ୍ରୀ ବେହେରା(୧୩) ବିଦ୍ୟୁତ ତାର ସ୍ପର୍ଶରେ ଗୁରୁତର ହୋଇ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ହେଉଥିବାର ଜଣାଯାଇଛି। ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ତଳକିଆ ଗାଁ ପଛ ପଟ କେନାଲ ନିକଟକୁ ଛେଳି ଖୋଜିବାକୁ ଯାଇ ଥିଲେ। ସେଠାରେ କେନାଲ କାମ ହୋଇ ମାଟି କୁଢ଼ ହୋଇ ଥିବା ବେଳେ ସେହି ରାସ୍ତା ଦେଇ ଗାୟତ୍ରୀ ଯାଇ ୧୧ କେଭି ତାର ଆଘାତ ପାଇ ଗୁରୁତର ହୋଇ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ପ୍ରଥମେ ଔପଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବିଦ୍ୟୁତ ଆଘାତରେ ମୁଣ୍ଡ ଓ ଛାତିରେ ଆଘାତ ହୋଇଛି।

## ଭୋଗରାଇ ବିଧାନସଭା: ଆଉ ଦୁଇ ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନ





ଚନ୍ଦନେଶ୍ୱର, ୧୪।୫(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆଜି ମଙ୍ଗଳବାର ନାମାଙ୍କନ ଦାଖଲର ଶେଷ ଦିନ ଥିବା ବେଳେ ଅବସରପ୍ରାପ୍ତ ଭୋଗରାଇର ବିଭିନ୍ନ ୟୁକୋ ବ୍ୟାଙ୍କର ଶାଖା ପରିଚାଳକ ତଥା ଟୁକୁରୀହାଜିରା ପଞ୍ଚାୟତର ଫୁଲବଣୀ ଗ୍ରାମର ଅସିତ କୁମାର ଚାନ୍ଦ ସ୍ୱାଧୀନ ଭାବେ ବିଧାୟକ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପ୍ରାର୍ଥିପତ୍ର ଦାଖଲ ସମୟରେ ତାଙ୍କ ସହିତ ଭୋଗରାଇର ବିଶିଷ୍ଟ ସମାଜସେବୀ ଲଲାଟେନ୍ଦୁ ପାତ୍ର, ଦେବନାରାୟଣ ମହାନ୍ତି, ପ୍ରକାଶ କୁମାର ଦାସ, ଶୁଭମ ମହାନ୍ତି ସମେତ ଶତାଧିକ ସମର୍ଥକ ଉପସ୍ଥିତ ଥିଲେ। ସେହିଭଳି ନବଭାରତ ନିର୍ମାଣ ସେବା ଦଳରୁ ସାମ୍ବାଦିକ ଭଗବାନ ବେହେରା ଦଳୀୟ ସମର୍ଥକଙ୍କ ଗହଣରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

● ରେମୁଣା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସଫଳତା

## ଦଶମରେ ଯାଜ୍ଞସେନୀ ଓ ଦ୍ୱାଦଶରେ ଜଗଦୀଶ ଟପ୍ପର





ବାଲେଶ୍ୱର, ୧୪।୫(ସମିସ): ପ୍ରକାଶ ପାଇଛି ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ। ଚଳିତବର୍ଷ ରେମୁଣା ଓଡ଼ିଶାଆଦର୍ଶବିଦ୍ୟାଳୟରଛାତ୍ରଛାତ୍ରୀ ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ଦଶମରେ ୭୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଶତ ପ୍ରତିଶତ ପାସ୍ ହାର ହୋଇଛି। ୯୫.୬ ପ୍ରତିଶତ ନମ୍ବର ରଖି ଯାଜ୍ଞସେନୀ ବେହେରା ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ଦଶମରେ ୩୩ ଜଣ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବେଳେ ୯୦ ପ୍ରତିଶତରୁ ଅଧିକ ୧୩ ଜଣ ଛାତ୍ରଛାତ୍ରୀ ରଖିଛନ୍ତି। ସେଥିରୁ ଅଧିକ ସଂଖ୍ୟକ ଅର୍ଥାତ୍ ୭ ଜଣ ଝିଅ ରହିଛନ୍ତି। ସେହିପରି ଦଶମରେ ବିଜ୍ଞାନ ବିଷୟବସ୍ତୁରେ ଶହେରୁ ଶହେ ନମ୍ବର ରଖିଛନ୍ତି ପ୍ରିୟାଂଶୁ ପ୍ରିୟଦର୍ଶୀ। ଗଣିତରେ ଶହେରୁ ଶହେ ନମ୍ବର ବିଶେଷ ମହାପାତ୍ର ରଖିଥିବା ବେଳେ ଓଡ଼ିଆ ଭାଷାରେ ଦେବଦତ୍ତ ମହାପାତ୍ର ଶହେରୁ ଶହେ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେହିପରି ଚଳିତବର୍ଷ ପ୍ରଥମ ଥର ଦ୍ୱାଦଶ ପରୀକ୍ଷା ଦେଇଥିଲେ ଏହି ସ୍କୁଲର ଛାତ୍ରଛାତ୍ରୀ। ଦ୍ୱାଦଶରେ ୯୦.୬ ପ୍ରତିଶତ ନମ୍ବର ରଖି ଜଗଦୀଶ ପଣ୍ଡା ସ୍କୁଲ ଟପ୍ପର ହୋଇଛନ୍ତି। ବିଜ୍ଞାନରେ ୩୮ ଜଣ ପରୀକ୍ଷା ଦେଇଥିବାବେଳେ ୩୪ ଜଣ ପାସ୍ ଏବଂ ବାଣିଜ୍ୟରେ ୪ ଜଣରୁ ୪ ଜଣ ପାସ୍ ହୋଇଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମକୃଷ୍ଣ ସାହୁ ସୂଚନା ଦେଇଛନ୍ତି। ତେବେ ଗତବର୍ଷ କେବଳ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଏଥର ଉଭୟ ଦଶମ ଓ ଦ୍ୱାଦଶ ପରୀକ୍ଷା ହୋଇଛି। ଗତବର୍ଷ ଅପେକ୍ଷା ଏବର୍ଷ ବିଦ୍ୟାଳୟରେ ଭଲ ଫଳାଫଳ ରହିଛି। ଏଥିପାଇଁ ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ବିଜେପିର ସାଂଗଠନିକ ବୈଠକ

ରାଜଘାଟ, ୧୪।୫ (ସମିସ): ବସ୍ତା ବ୍ଲକ ଭେଲୋରା ପଞ୍ଚାୟତରେ ବିଜେପିର ସାଂଗଠନିକ ବୈଠକ ଜୟନ୍ତ ଭଦ୍ରଙ୍କ ବାସଭବନରେ ପଞ୍ଚାୟତ ସଭାପତି କୃତିବାସ ଚନ୍ଦଙ୍କ ଅଧ୍ୟକତାରେ ୨ଶହରୁ ଉର୍ଦ୍ଧ୍ୱ କାର୍ମୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜଳେଶ୍ୱର ବିଜେପିର ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ମୁଖ୍ୟଅତିଥି, ବିଶିଷ୍ଟ ଶିକ୍ଷାବିତ ଚୈତନ୍ୟ ପ୍ରସାଦ ଗିରି, କେଦାର ନାଥ ପତି, ଗଦାଧର ସାହୁ, ସତ୍ୟରଞ୍ଜନ ଦାସ, ରତିକାନ୍ତ ସାହୁ, ବୃନ୍ଦାବନ ସାହୁ, ରମାକାନ୍ତ ସାହୁ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ମତ ବ୍ୟକ୍ତ କରିଥିଲେ। ଦେବେନ୍ଦ୍ର ନାଥ ଭଦ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଦେଉଳା ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ



ଲଙ୍ଗଳେଶ୍ୱର, ୧୪।୫(ସମିସ): ବସ୍ତା ନିର୍ବାଚନମଣ୍ଡଳୀ ଅଧିନସ୍ଥ ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତରେ ବିଜେଡି ପକ୍ଷରୁ ବିଶାଳ କର୍ମୀ ସମ୍ମିଳନୀ ଏବଂ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି ବିଜେଡିର ବସ୍ତା ବିଧାନସଭା କ୍ଷେତ୍ରର ପ୍ରଥମ ମହିଳା ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନାଙ୍କ ଲୋକପ୍ରିୟତା ଦିନକୁ ଦିନ ଆହୁରି ବଢ଼ି ଚାଲିଥିବା ବେଳେ ଶ୍ରୀମତୀ ଜେନା ତାଙ୍କ ପ୍ରଚାରକୁ ଆହୁରି ଜୋରଦାର କରିଛନ୍ତି। ଏହି ନିର୍ବାଚନ ପରିପ୍ରେକ୍ଷୀରେ ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଏବଂ ନିର୍ବାଚନୀ ସଭା ପଞ୍ଚାୟତର ସଭାପତି ଅଧୀର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନୀ ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱରର ପୂର୍ବତନ ସାଂସଦ ତଥା ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟବେକ୍ଷକ ବିଜେଡିର ଷ୍ଟାର ପ୍ରଚାରକ ଇଂ ରବୀନ୍ଦ୍ର କୁମାର ଜେନା ଯୋଗ ଦେଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବସ୍ତା ବିଧାନସଭା ବିଜେଡି ପ୍ରାର୍ଥିନୀ ସୁବାସିନୀ ଜେନା ଯୋଗଦେଇ ଆସନ୍ତା ଜୁନ ୧ ତାରିଖ ବିଧାୟିକା ପ୍ରାର୍ଥିନୀ ଭାବେ ସୁବାସିନୀ ଜେନାଙ୍କୁ ଏବଂ ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଶଙ୍ଖ ଚିହ୍ନରେ ବଟନ୍ ଦବାଇ ଜୟଯୁକ୍ତ କରିବାକୁ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି କର୍ମୀ ସମ୍ମିଳନୀରେ ଓ ନିର୍ବାଚନୀ ସଭାରେ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ୨୨ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ୨୩ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ପୂର୍ବତନ ସରପଞ୍ଚ ଅଜୟ ଭୂୟାଁ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟଙ୍କ ପ୍ରତିନିଧି ଅଜୟ ପାତ୍ର, ଜୋନ କମିଟି ସଦସ୍ୟ ନବୀନ ପାତ୍ର, ପ୍ରତାପପୁର ସମିତି ସଦସ୍ୟାଙ୍କ ପ୍ରତିନିଧି ତଥା ଜିଲ୍ଲା ଯୁବ ସମ୍ପାଦକ ହାଡିବନ୍ଧୁ ରାଉତ, ଜିଲ୍ଲା ଛାତ୍ର ସଭାପତି ସୀମନ ଦାସ ମହାପାତ୍ର, ଜିଲ୍ଲା ଯୁଗ୍ମ ସମ୍ପାଦକ ଶ୍ରୀକାନ୍ତ ନାଥ, ଗୋପାଳ କୃଷ୍ଣ ପାତ୍ର, ଆଡଭୋକେଟ୍ ଅର୍ଦ୍ଧେନ୍ଦୁ ବାରିକ, ଯୁବନେତା ଜ୍ୟୋତି ପ୍ରକାଶ ଭୂୟାଁ, କମଳ ଲୋଚନ ବେହେରା, ମହିଳା ନେତ୍ରୀ ଜାନକୀ ଭୂୟାଁ ପ୍ରମୁଖ ଦଳର ବହୁ ନେତୃବୃନ୍ଦ ଓ ଶହ ଶହ ପୁରୁଷ ଓ ମହିଳା କର୍ମୀ ଉପସ୍ଥିତ ଥିଲେ।

# ସ୍ଥାୟୀ ରାସ୍ତାରୁ ବଞ୍ଚିତ ପୂର୍ବ ଅନଲିଆ ଗାଁ



ଭୋଗରାଇ, ୧୪।୫ (ସମିସ) ;

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଗୁଣସାର୍ଥା ପଞ୍ଚାୟତ ଅନ୍ତର୍ଗତ ତଥା ପଡୋଶୀ ପଶ୍ଚିମବଙ୍ଗ ସୀମାନ୍ତ ପୂର୍ବ ଅନଲିଆ ଗାଁକୁ ସ୍ଥାୟୀ ଯୋଗାଯୋଗ ରାସ୍ତା ନାହିଁ। ଜମି ହିଡ ରାସ୍ତାରେ ଯାତାୟତ କରୁଛନ୍ତି ଗ୍ରାମବାସୀ। ସାମାନ୍ୟ ବର୍ଷାରେ ଗୃହବନ୍ଦୀ ଜୀବନ ବିତାଇବାକୁ ବାଧ ହେଉଛନ୍ତି ସେହି ଗାଁର ୧୮ଟି ପରିବାର। ସ୍ଥାୟୀ ରାସ୍ତା ପାଇଁ ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ନମିଳିବାରୁ ଭୋଟ ବର୍ଜନ ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଏନେଇ ସ୍ଥାନୀୟ ସରପଞ୍ଚ ରଜନୀକାନ୍ତ ଖଟୁଆଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପଞ୍ଚାୟତ ପାଣ୍ଠିରେ ଆବଶ୍ୟକ ଅର୍ଥ ଅଭାବରୁ ସେହି ଗାଁକୁ ସ୍ଥାୟୀ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରିନାହିଁ। ତେବେ ଅଳ୍ପ କିଛି ରାସ୍ତା ନିର୍ମାଣ କାର୍ଯ୍ୟ ହୋଇଛି ଏବଂ ନିର୍ବାଚନ ପରେ ଆଉ କିଛି ରାସ୍ତା ନିର୍ମାଣ କାର୍ଯ୍ୟ ହେବ ବୋଲି ସେ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଗୁଣସାର୍ଥା ପଞ୍ଚାୟତ ଅନ୍ତର୍ଗତ ପୂର୍ବ ଅନଲିଆ ଗାଁ ୧୨ ନଂ ଓ?ାର୍ଡରେ ସମୁଦାୟ ୧୧୦ଟି ପରିବାରର ୬୦୦ ରୁ ଅଧିକ ଲୋକ ବସବାସ କରନ୍ତି। ପଡୋଶୀ ପଶ୍ଚିମବଙ୍ଗ ସୀମାକୁ ଲାଗିଥିବା ଏହି ଗାଁ ଆଜି ପର୍ଯ୍ୟନ୍ତ ଅବହେଳିତ ଅବସ୍ଥାରେ ରହିଛି। ପ୍ରିୟବାଗ - ମାହାଦିଆ ପ୍ରଧାନମନ୍ତ୍ରୀ ସଡ଼କର ଦୁବସାହି ଛକ ଠାରୁ ପୂର୍ବ ଅନଲିଆ ଗାଁକୁ ଛୁଇଁ ପଶ୍ଚିମବଙ୍ଗ ସୀମାନ୍ତ ପର୍ଯ୍ୟନ୍ତ ଅନ୍ୟ ଏକ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ହୋଇଥିଲେ ମଧ ଦୀର୍ଘ ବର୍ଷ ହେଲା ଏହା ଭାଙ୍ଗିରୁଜି ଯାଇଥିବାରୁ ଯାତାୟତ ଅନୁପଯୋଗୀ ହୋଇଛି। ଏହାବ୍ୟତୀତ ଏହି ସଡ଼କ ଗାଁକୁ ଛୁଇଁ ଯାଇଥିଲେ ମଧ ଏଥିରୁ ଗାଁ ଭିତରକୁ ଯିବା ପାଇଁ ସ୍ଥାୟୀ ରାସ୍ତା ନାହିଁ। ଫଳରେ ଲୋକେ ଜମି ହିଡ ରାସ୍ତାରେ ଯାତାୟତ କରିବାକୁ ବାଧ ହେଉଛନ୍ତି। ବାରମ୍ବାର ଦାବି ପରେ ପାଞ୍ଚ ପୂର୍ବେ ଏହି ହିଡ ରାସ୍ତାରେ ପଞ୍ଚାୟତ ପକ୍ଷରୁ କିଛି ନାଲି ମୋରମ ମାଟି ବିଛା ଯାଇଥିଲା। ଯାହାକି ଏବେ ଧୋଇ ଯାଇ କାଦୁଅ ରାସ୍ତାରେ ପରିଣତ ହୋଇଛି। ଅଳ୍ପ କିଛି କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିଲେ ମଧ ତାହା ମଧ ଭାଙ୍ଗିରୁଜି ଯାଇଛି। ରାସ୍ତା କାଦୁଅ ହୋଇଥିବାରୁ ୬ ମାସ ପୂର୍ବେ ହୃଦରୋଗରେ ଆକ୍ରାନ୍ତ ରାଧାକୃଷ୍ଣ ସାହୁ (୬୮)ଙ୍କୁ ଡାକ୍ତରଖାନା ନେବା ସମ୍ଭବ ହୋଇନଥିଲା ବେଳେ କୌଣସି ଡାକ୍ତର ମଧ ତାଙ୍କ ଘରେ ଯାଇ ପହଞ୍ଚି ପାରିନଥିଲେ। ଫଳରେ ଜରୁରୀ ଚିକିତ୍ସା ଅଭାବରୁ ରାଧାକୃଷ୍ଣଙ୍କ ମୃତ୍ୟୁ ହୋଇଥିଲା ବୋଲି ତାଙ୍କ ପତ୍ନୀ ଶାନ୍ତାବାଳା ସାହୁ ଅତ୍ୟନ୍ତ କୋହଭରା କଣ୍ଠରେ ପ୍ରକାଶ କରିଥିଲେ। ସେହିପରି ଗତ ଶନିବାର କାଳବୈଶାଖୀ ଝଡବର୍ଷା ସମୟରେ ସେହି ଗ୍ରାମର କଳ୍ପନା ଜେନାଙ୍କ ଘରେ ପାଳିଥିବା ଗାଈ ଅସୁସ୍ଥ ହୋଇପଡ଼ିଥିଲା। ରାସ୍ତା କାଦୁଅ ହୋଇଥିବାରୁ ରବିବାର ସକାଳ ପର୍ଯ୍ୟନ୍ତ ପ୍ରାଣୀ ଚିକିତ୍ସକ ଗାଁରେ ପହଞ୍ଚି ପାରିନଥିଲେ। ଫଳରେ ତାଙ୍କ ଗାଈର ମୃତ୍ୟୁ ହୋଇଥିଲା। ସେହିପରି ଆବଶ୍ୟକ ସମୟରେ ପ୍ରସୁତି ଏବଂ ଗୁରୁତର ରୋଗୀ ମାନଙ୍କୁ ୧ କିଲୋମିଟର ଦୂର ପ୍ରଧାନମନ୍ତ୍ରୀ ସଡ଼କ ପର୍ଯ୍ୟନ୍ତ ଦୋଳି କିମ୍ବା ଖଟିଆରେ ବୋହି ନେବାକୁ ହୁଏ ବୋଲି ଗାଁର୍ ମହିଳା ମାନେ ପ୍ରକାଶ କରିଛନ୍ତି। ଏହି କାଦୁଅ ହିଡ ରାସ୍ତାରେ ଅଙ୍ଗନବାଡ଼ି ଏବଂ ପ୍ରାଥମିକ ବିଦ୍ୟାଳୟକୁ ପିଲାମାନେ ବହୁ କଷ୍ଟରେ ଯିବା ଆସିବା କରନ୍ତି। ବିଶେଷ କରି ଗାଁର ପଶ୍ଚିମ ପାର୍ଶ୍ୱରେ ଥିବା ୧୮ ଟି ପରିବାର ସାମାନ୍ୟ ବର୍ଷାରେ ଗୃହବନ୍ଦୀ ଜୀବନ ବିତାଇବାକୁ ବାଧ ହୁଅନ୍ତି। ଚଳିତ ନିର୍ବାଚନରେ ଏହି ଗାଁକୁ ସ୍ଥାୟୀ ରାସ୍ତା ନିର୍ମାଣ ବ୍ୟବସ୍ଥା କରାନଗଲେ ଗ୍ରାମବାସୀ ସତ୍ୟବ୍ରତ ସାହୁ, ରମେଶ ଚନ୍ଦ୍ର ସାହୁ, ରାମନାଥ ଜେନା, ହୃଷିକେଶ ସାହୁ, ଭୂପତି ଜେନା, ନିତ୍ୟାନନ୍ଦ ଜେନା, ଗଣପତି ଜେନା, ଶ୍ରୀପତି ଜେନା, ଗୋପାଳ ଚନ୍ଦ୍ର ସାହୁ, ରାଧାକୃଷ୍ଣ ସାହୁ, ଜୟନ୍ତୀ ସାହୁ, ବନମାଳୀ ସାହୁ, ଉମାକାନ୍ତ ସାହୁ, ଲକ୍ଷ୍ମୀକାନ୍ତ ସାହୁ, ସଦାନନ୍ଦ ଜେନା, ଇନ୍ଦୁମତି ଜେନା, ବିଷ୍ଣୁପ୍ରିୟା ଜେନା, ହେମନ୍ତ କୁମାର ସାହୁ, ଜ୍ୟୋତ୍ସ୍ନାରାଣୀ ସାହୁ, ମାମି ଜେନା, କଳ୍ପନା ଜେନା, ଶାନ୍ତାବାଳା ସାହୁ, ବନବିହାରୀ ଗିରି, କାଳିଚରଣ ଗିରି, ଅନୀଲ ଜେନା, କାର୍ତ୍ତିକ ଚନ୍ଦ୍ର ଗିରି, ଚନ୍ଦନ ଗିରି, ଗୋପାଳ ଗିରି ପ୍ରମୁଖ ଚେତାବନୀ ଦେଇଛନ୍ତି।

## ବଢୁଛି ଷ୍ଟ୍ରିଟ୍ ଫୁଡ୍ ଦୋକାନ, କମୁଛି ଖାଦ୍ୟର ଗୁଣବତ୍ତା

# ଅସ୍ୱାସ୍ଥ୍ୟକର ପରିବେଶରେ ତିଆରି ହେଉଛି ଖାଦ୍ୟ

ବାଲେଶ୍ୱର, ୧୪।୫(ସମିସ):

ସହରରେ ବଢୁଛି ଷ୍ଟ୍ରିଟ୍ ଫୁଡ୍ ଦୋକାନ ସଂଖ୍ୟା। ସେହି ପରିମାଣରେ କମି ଚାଲିଛି ଖାଦ୍ୟର ଗୁଣବତ୍ତା। ଅସ୍ୱାସ୍ଥ୍ୟକର ପରିବେଶରେ ତିଆରି ହେଉଛି ଖାଦ୍ୟ। ଜଳଖିଆ ଦୋକାନଠୁ ଆରମ୍ଭ କରି ଗୁପଚୁପ ଦୋକାନ ପର୍ଯ୍ୟନ୍ତ। ସବୁକିଛି ଖାଦ୍ୟ ଖୋଲା ମେଲାରେ ଚାଲିଛି ତିଆରି ଓ ବିକ୍ରି। ଆଜିକାଲିର ଯୁବପିଢି ଫାଷ୍ଟଫୁଡ୍ ଖାଇବାକୁ ଅଧିକ ପସନ୍ଦ କରନ୍ତି। ହେଲେ ଏପରି ଦୋକାନଗୁଡ଼ିକର ଚାରିପାଖ ଅବସ୍ଥା ଅପରିଷ୍କାର ରହିଥିବା ବେଳେ ଖୋଲାମେଲାରେ ପ୍ରସ୍ତୁତ ହେଉଛି ବିଭିନ୍ନ ଖାଦ୍ୟ। ଯାହା ଖାଦ୍ୟ ଗୁଣବତ୍ତା ନିୟମର ହେଉଛି ଖୋଲାଖୋଲି ଉଲ୍ଲଙ୍ଘନ। ଏହି ରାସ୍ତାକଡ଼ ଖାଦ୍ୟର ମାନକୁ ନେଇ ଏବେ ଉଠିଛି ପ୍ରଶ୍ନ। କାରଣ ଜନସାଧାରଣଙ୍କୁ ଦିଆଯାଉଛି ଅସ୍ୱାସ୍ଥ୍ୟକର ପରିବେଶରେ ଫାଷ୍ଟଫୁଡ୍। ଏନେଇ ଅଭିଯୋଗ ମଧ୍ୟ ହୋଇଛି। ସହରର ବିଭିନ୍ନ ରାସ୍ତାକଡ଼ରେ ରହିଛି ଫାଷ୍ଟଫୁଡ୍ ଦୋକାନ। ଯାହାକୁ ଖାଇବା ପାଇଁ ସନ୍ଧ୍ୟା ସମୟରେ ବଢ଼େ ଭିଡ। ହେଲେ ଲୋକଙ୍କ ଗହଳି ତଥା ରୋଜଗାର ଆଳରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ କଥା ଭୁଲିଯାଉଛନ୍ତି ଅନେକ ଦୋକାନୀ। ଫଳରେ ବିଭିନ୍ନ ରୋଗର କାରଣ ପାଲଟୁଛି ଏହି ରାସ୍ତା କଡ଼ର ଖାଦ୍ୟ। ତେଣୁ ଏପରି ଏକ ଦିଗ ଉପରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ



ଯାଞ୍ଚ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ଦେବା ଉଚିତ ବୋଲି ଦାବି କରାଯାଇଛି। ସୂଚନାଯୋଗ୍ୟ, କରୋନା ପରେ ସହରର ରାସ୍ତା କଡ଼ରେ ଛତୁ ଫୁଟିଲା ପରି ଫାଷ୍ଟଫୁଡ୍ ଦୋକାନ ଖୋଲୁଛି। ଅନେକ ଦାଦନରୁ ଫେରି କଣ କରିବେ ଭାବି ରାସ୍ତାକଡ଼ରେ ଦୋକାନଟେ ପକାଇ ରୋଜଗାର ଆରମ୍ଭ କରିଛନ୍ତି। ଫଳରେ ବର୍ତ୍ତମାନ ଷ୍ଟ୍ରିଟ୍ ଫୁଡ୍‌ର ମୁଖ୍ୟସ୍ଥଳ କେବଳ ଏଡିଏମ ଛକ ନୁହେଁ ବରଂ ଏଡିଏମ୍ ଛକରେ ଦୋକାନୀଙ୍କ ସଂଖ୍ୟା ପରିବ୍ୟାପ୍ତ ହୋଇଥିବା ବେଳେ ଗାନ୍ଧି ସ୍ମୃତି ଭବନ, ଷ୍ଟେସନ ଛକ, ସିନେମା ଛକରୁ ଗଡ଼ଗଡ଼ିଆ ରାସ୍ତା, ବସଷ୍ଟାଣ୍ଡ, କଲେଜ ରୋଡ୍, ଆଇଟିଆଇ ଛକ, ରେଲୱେ ଷ୍ଟେସନ ଆଦି ସ୍ଥାନରେ ବିଭିନ୍ନ ଛୋଟ ଫାଷ୍ଟଫୁଡ୍ ଦୋକାନ ଖୋଲିଛି। କିଏ ଚାଇନିଜ୍ ମୋମୋ ବିକ୍ରି କରୁଛି ତ କିଏ ତେଲଛଣା ଖାଦ୍ୟ। କିଏ ପୁଣି ଚାଓମିନ୍ ବିକୁଛି ତ କିଏ ବିକୁଛି ଚାଇନିଜ୍ ସିଙ୍ଗଡ଼ା। ଏହିପରି ସହରର ବିଭିନ୍ନ ରାସ୍ତା କଡ଼ରେ ଦୋକାନ ରହିଛି। ହେଲେ ଏସବୁ ଦୋକାନରେ ଖାଦ୍ୟ ତିଆରିର ମାନ ଏବଂ ଚାରିପାଖର ପରିବେଶ ଯାଞ୍ଚ ହେଉନାହିଁ। ଫଳରେ ଦୋକାନୀମାନେ ବେପିକର ଭାବେ ନିୟମ ଉଲ୍ଲଙ୍ଘନ କରୁଛନ୍ତି। ଖାଇବା ପାଇଁ ଲୋକଙ୍କ ଭିଡ଼ ହେଉଥିବାରୁ ଏମାନେ ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳ ଖେଳୁଛନ୍ତି। ବିଶେଷକରି କରି ଏହି ଦୋକାନ ଗୁଡ଼ିକ ଡ୍ରେନ୍ କଡ଼ରେ ଖୋଲିଛି। ଫଳରେ ଏହା ଅଧିକ ଅସ୍ୱାସ୍ଥ୍ୟକର ପରିବେଶରେ ପରିଣତ କରୁଛି। ନିମ୍ନମାନର ଖାଦ୍ୟ ସାମଗ୍ରୀ ସବୁ ବ୍ୟବହାର ହୋଇ ଏହି ଖାଦ୍ୟ ବିକ୍ରି କରାଯାଇନଥିବା ଅଭିଯୋଗ ହୋଇଛି। ଖାଦ୍ୟ ଦେଉଥିବା ବାସନ ଧୋଇବା ପାଇଁ ମଧ୍ୟ ଭଲ ପାଣି ବ୍ୟବହାର ହେଉନାହିଁ। କେଉଁ ତେଲରେ ତିଆରି ହେଉଛି ତାହା ମଧ୍ୟ ଏକ ପ୍ରଶ୍ନବାଚୀ। ନିକଟରେ ଜଣ ଯୁବକ ଷ୍ଟେସନ ଛକ ପାଖ ଏକ ଫାଷ୍ଟ ଫୁଡ୍ ଦୋକାନକୁ ଖାଇବାକୁ ଯାଇଥିଲେ। ଯେଉଁଠି ଖୋଲାଖୋଲି ଭାବେ ତେଲ ଛଣା ଖାଦ୍ୟ ତିଆରି ହୋଇ ଲୋକଙ୍କୁ ବିକ୍ରି କରାଯାଉଥିଲା। ହେଲେ ଦୋକାନ ପାର୍ଶ୍ୱକୁ ଏକ ଡ୍ରେନ୍ ରହିଛି। ଯାହା ଅବସ୍ଥା ଅତ୍ୟନ୍ତ ଦୁର୍ଗନ୍ଧମୟ। ସେଇ ଡ୍ରେନ୍‌ରେ ଅଳିଆ ଆବର୍ଜନା ଜମି ଗନ୍ଧ ହେଉଛି ଏବଂ ଏପରି ଏକ ପରିବେଶରେ ତିଆରି ହେଉଛି ଖାଦ୍ୟ। ଯାହା ଜନସାଧାରଣଙ୍କ ଜୀବନ ପ୍ରତି ବିପଦ। ତେଣୁ ଏଦିଗରେ ଖାଦ୍ୟ ସୁରକ୍ଷା ବିଭାଗ ଯାଞ୍ଚ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହିତ ପୌରପାଳିକା ମଧ୍ୟ ଡ୍ରେନ୍ ପ୍ରତି ନିହାତି ଦୃଷ୍ଟି ଦେବା ଆବଶ୍ୟକ। ଏନେଇ ଟୁଇଟ୍ ମାଧ୍ୟମରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଛି' ବୋଲି ଡଃ. ବିଶ୍ୱଜିତ ପଣ୍ଡା କହିଛନ୍ତି।ଆସିଥିବା ଅଭିଯୋଗକୁ ନେଇ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରିଣୀ ଅନୁଶ୍ରୀ ଖଟୁଆ କହିଛନ୍ତି, 'ଆମର ନିୟମିତ ଜିଲ୍ଲାର ସବୁଠି ଚଢ଼ାଉ ଚାଲିଛି। ଆଜି ସୋରରେ ଚଢ଼ାଉ କରାଯାଇଛି। ବାସୀ ଖାଦ୍ୟ ରହୁଥିବାରୁ ୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ତେବେ ସହରରେ ମଧ୍ୟ ଚଢ଼ାଉ ହେଉଛି। ଆସିଥିବା ଅଭିଯୋଗ ବାବଦରେ ମୁଁ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବି। ତାଙ୍କ ନିର୍ଦ୍ଦେଶ ପରେ ଆମେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବୁ'।

## ଶାସ୍ତ୍ରୀୟ ବାଦ୍ୟର ଆସର ସହ ସମ୍ବର୍ଦ୍ଧନା ପର୍ବ




ବାଲେଶ୍ୱର, ୧୪।୫(ସମିସ): ନୋସି ଉତ୍କଳାରେ ସପ୍ତାହନ୍ତ ସାଂସ୍କୃତିକ ସନ୍ଧ୍ୟାକୁ ପୁନଃ ପ୍ରଚଳନ ଆଭିମୁଖ୍ୟ ରଖି ନୋସି କଲଚରାଲ ଏକାଡେମି ତରଫରୁ ଷଷ୍ଠ ଅର୍ଘରେ ଶାସ୍ତ୍ରୀୟ ବାଦ୍ୟର ବାଦନ ସହ କଳାକାରମାନଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଛି। ମୁଖ୍ୟଅତିଥି ଭାବେ କଲିକତା ଏଲଏନଟିର ରିଜିଓନାଲ ମ୍ୟାନେଜର ଅନିରୁଦ୍ଧ ବ୍ରହ୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଶିଳ୍ପୀ କେଶୁଦାସ ସମ୍ବର୍ଦ୍ଧନା ପର୍ବକୁ ପରିଚାଳନା କରିଥିବାବେଳେ ସମ୍ମାନିତ ଅତିଥି ଭାବରେ ନୋସିର ଉପସଭାପତି ସୁବ୍ରତ ନାୟକ ଯୋଗ ଦେଇଥିଲେ। ସନ୍ତୁର ବାଦକ ତପନ କୁମାର ବିଦ, ବେହେଲା ବାଦକ ବରଦାକାନ୍ତ ବାରିକ, ବଂଶୀ ବାଦକ ସଂଗ୍ରାମ ଗିରି ଓ ଓମ୍ ପ୍ରକାଶ ଗିରି, ତବଲା ବାଦକ ନନ୍ଦ କିଶୋର ଦାସ, ଅଜିତାନନ୍ଦ ଦେବ ଗୋସ୍ୱାମୀ, ଅଜୟ କୁମାର ବାରିକ, ମାଉଥ ଅର୍ଗାନ ବାଦକ ଡ଼ ରଜନୀକାନ୍ତ ନାୟକ ଓ ପ୍ରଶାନ୍ତ କୁମାର ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା କରାଯାଇ ବେଳେ ସେମାନେ ଶାସ୍ତ୍ରୀୟ ବାଦ୍ୟର ମୂର୍ଚ୍ଛନାରେ ଦର୍ଶକଙ୍କ ମନମୋହି ଥିଲେ। ଏଥିସହ ସ୍ଥାନୀୟ ଶିଶୁ କଳାକାର ଦୂର୍ଗେଶ୍ୱରୀ ସିଂ, ଅନୁରାଧା ଦତ୍ତ ପ୍ରମୁଖ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ଆକର୍ଷିତ କରିଥିଲେ। କାର୍ଯ୍ୟକ୍ରମକୁ ଏମସି ସତ୍ୟମ୍ ଓ ରୁଦ୍ର ପ୍ରସାଦ ବଳ ସହ ନୋସିର କର୍ମକର୍ତ୍ତା ପ୍ରଶାନ୍ତ ବେହେରା, ସୁନାରାମ ସିଂ, ରାଘବ ବିଶ୍ୱାଳ, ଶଶାଙ୍କ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଜଳେଶ୍ୱର ଯୁବ ମଞ୍ଚ ପକ୍ଷରୁ ବିଶାଳ ରକ୍ତଦାନ ଶିବିର

ଜଳେଶ୍ୱର ବ୍ଲକ, ୧୪।୫ (ସମିସ) : ରକ୍ତର ଆବଶ୍ୟକତାକୁ ପାଥେୟ କରି ଜଳେଶ୍ୱର ଯୁବ ମଞ୍ଚ ପକ୍ଷରୁ ଜଳେଶ୍ୱର ବଡ଼ ବଜାରସ୍ଥିତ ସତ୍ୟ ନାରାୟଣ ମନ୍ଦିର ପରିସରରେ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ରକ୍ତ ଶିବିରକୁ ଯୁବ ମଞ୍ଚର ଉପଦେଷ୍ଟା ବିଷ୍ଣୁପଦ ମହାନ୍ତି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ଅତିଥି ଭାବରେ ଜଳେଶ୍ୱର ଟାଉନ ଅଞ୍ଚଳର ବରିଷ୍ଠ ବ୍ୟକ୍ତି କ୍ଷେତ୍ର ମୋହନ ଗିରି, ବାଲେଶ୍ୱର ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ଓ ବଜାର କମିଟି ସଭାପତି ସୁଧୀର କୁମାର ମହାନ୍ତି ଉପସ୍ଥିତ ହୋଇ ରକ୍ତଦାତା ଓ ଯୁବମଞ୍ଚକୁ ଧନ୍ୟବାଦ୍




ଜଣାଇଥିଲେ। ବାଲେଶ୍ୱର ରକ୍ତ ଭଣ୍ଡାର ଡାକ୍ତର କାହ୍ନୁ ଚରଣ ମଣ୍ଡଳ, ଟେକ୍ନିସିୟାନ ଅକ୍ଷୟ ଜେନା, ଲୋକନାଥ ଧର, ଦେବାଶିଷ ଦତ୍ତ ଓ ବିନୋଦ ଦାସ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କ ପରୀକ୍ଷା ନିରୀକ୍ଷା କରି ରକ୍ତ ସଂଗ୍ରହ କରିଥିଲେ। ଯୁବ ମଞ୍ଚର ସଭାପତି ରାଜେଶ କୁମାର ଠାକ୍କର, ସମ୍ପାଦକ ଗୋପାଳ କୃଷ୍ଣ କଟାଲ, କୋଷାଧ୍ୟକ୍ଷ ମୋଲଚାନ୍ଦ ଲୋଧା, ସଦସ୍ୟ ବିନୋଦ କୁମାର ସାହୁ, ସାର୍ଥକ କୁମାର ସାହୁ, ଗୋପାଲ ଠକ୍କର, ପ୍ରଶାନ୍ତ କୁମାର ପ୍ରଧାନ, ପ୍ରକାଶ ଠକ୍କର, ସୁମିତ ରାଠି, ଆକାଶ ସାହୁ, ଅନୁପ କର, ସରୋପ ପ୍ରଧାନ, ଗୁରୁପ୍ରସାଦ ସାମନ୍ତ, ଗୌରିପଦ କର, ମନୋଜ କୁମାର ପ୍ରଧାନ, କୁମାରେଶ ଦିନ୍ଦା, ରାମ ନାରାୟଣ ଦାସ, ମନିଶ ରାୟ ମଙ୍ଗିଆ, ନନ୍ଦନ ଦତ୍ତ, ନିଖିଲ ରାଠି, ନିଲେଶ କୁମାର ଚୌହାନ, ସୌମ୍ୟ ରଞ୍ଜନ ପାତ୍ର, ସୁଜିତ୍ କୁମାର ଦାସ ଓ ରାକେଶ ଅଗ୍ରୱାଲ ପ୍ରମୁଖ ଯୁବ ମଞ୍ଚର ସଦସ୍ୟ ମାନଙ୍କ ପ୍ରଚେଷ୍ଟା ଓ ସହଯୋଗରେ ଉକ୍ତ ରକ୍ତ ଶିବିର ଅନୁଷ୍ଠିତ ହୋଇଥିଲା। ମୋଟ ୧୧୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

# ବିଜେପି ମଣ୍ଡଳ ଉପସଭାପତି ଓ ୱାର୍ଡ ସଦସ୍ୟାଙ୍କ ସହ ଶତାଧିକ କର୍ମୀ ବିଜେଡିରେ ମିଶିଲେ

ବସ୍ତା, ୧୪।୫ (ସମିସ) : ବାଲେଶ୍ୱର ଜିଲ୍ଲା ବସ୍ତା ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରାର୍ଥୀନୀ ସୁବାସିନୀ ଜେନାଙ୍କ ବାସଭବନରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନବୀନ ପଟ୍ଟନାୟକଙ୍କ ସୁଶାସନ ଏବଂ ପୂର୍ବତନ ସାଂସଦ ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ଆଦର୍ଶ ଓ ସୁବାସିନୀ ଜେନାଙ୍କ ଭଳି ସୁଖଦୁଃଖର ସାଥୀ ପାଇ ସୋମବାର ସନ୍ଧ୍ୟାରେ ବରିଷ୍ଠ ବିଜେପି ମଣ୍ଡଳ ଉପସଭାପତି ତପନ କୁମାର ପାତ୍ରଙ୍କ ସହ କୁଡିଆ ପଞ୍ଚାୟତ ୧୧ ନମ୍ବର ୱାର୍ଡ ସଦସ୍ୟା ସଞ୍ଜୁଲତା ପାତ୍ର, ଯୁବ ନେତା କାର୍ତ୍ତିକ ପରିଡ଼ା ସମେତ ବହୁ କର୍ମୀ ବିଜୁ ଜନତା ଦଳରେ ବିଧିବଦ୍ଧ ଭାବରେ ଯୋଗଦାନ କରିଛନ୍ତି। ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଉତ୍ତରୀୟ ଦେଇ ସମସ୍ତଙ୍କୁ ସ୍ୱାଗତ କରିବା ସହ ମିଳିମିଶି ବିକଶିତ ବସ୍ତା ଓ ବାଲିଆପାଳ ସଂକଳ୍ପ ପାଇଁ ସାମିଲ୍ ହୁଅନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ଏହି ମିଶ୍ରଣ ପର୍ବରେ ବସ୍ତା ବ୍ଲକ ସଭାପତି ଅନୀଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ କୁଡ଼ିଆ ପଞ୍ଚାୟତ ସଭାପତି ଗୌରାଙ୍ଗ ବେହେରା, ଯୁବ ସଭାପତି ପୂର୍ଣ୍ଣଚନ୍ଦ୍ର ଜେନା, ଯୁବ ଜିଲ୍ଲା ସମ୍ପାଦକ ରାଜେଶ ଗିରି, ଜିଲ୍ଲା ଯୁବ ଉପସଭାପତି ଅନୁପମ ମହାନ୍ତି, ବ୍ଲକ କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ ଦଳାଇ, ବ୍ଲକ ଡିଜିଟାଲ ସେକ୍ରେଟାରୀ ରାଜେଶ ବେହେରା, ହିତେଶ ଜେନା, ଅମର ଜେନା, ଗଗନ ଗିରି, ରଞ୍ଜନ ମହାପାତ୍ର ଉପସ୍ଥିତିରେ ଆଜି ଏହି ମିଶ୍ରଣ ଅନୁଷ୍ଠିତ ହୋଇଥିଲା। ତେବେ ଆଜିର ମିଶ୍ରଣ ପର୍ବ ପେଗରପଡ଼ା ୱାର୍ଡର ଶତାଧିକ ବ୍ୟକ୍ତି ବିଶେଷ ସାମିଲ ହୋଇଥିଲେ।



## ପୁରାତନ ଛାତ୍ର ସଂସଦର ଦହି ସର୍ବତ ବଣ୍ଟନ




ବାଲେଶ୍ୱର, ୧୪।୫(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗ ପୁରାତନ ଛାତ୍ର ସଂସଦ ପକ୍ଷରୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟ କରି ଦହି ସର୍ବତ ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯକ୍ରମରେ ଶିକ୍ଷା ବିଭାଗର ପ୍ରଫେସର ତଥା ଆଲୁମିନି ସଂଯୋଜକ ଡ଼ ଅମୂଲ୍ୟ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ଓ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ରଣା ଯୋଗଦେଇ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସନ୍ତୋଷ ତ୍ରିପାଠୀ ଓ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଡ. ଜ୍ୟୋତି ଶଙ୍କର ପ୍ରଧାନ ମଧ୍ୟ ଏହି କାର୍ଯକ୍ରମ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯକ୍ରମରେ ପୁରାତନ ଛାତ୍ର ସଂସଦର ସଦସ୍ୟ ତୃପ୍ତି ଶୁଭ୍ରଜ୍ୟୋତି, ଅମ୍ଳାନ ଗୌରବ ସେନାପତି, ଜୟନ୍ତ ନାୟକ, ତପନ ସେଠୀ, ସାଗର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ସଂସଦର ସଭାପତି ତଥା ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ଅଧ୍ୟାପକ ଲକ୍ଷ୍ମୀନାରାୟଣ ନାୟକ ବର୍ଷ ତମାମ ଆଲୁମିନି ଆସୋସିଏସନ୍‌ର ବିଭିନ୍ନ କାର୍ଯ୍ୟକ୍ରମ ଚାଲିବ ବୋଲି କହିଥିଲେ।

# ଶାସନବାଡ଼ରେ ରକ୍ତଦାନ ଶିବିର

ଜଳେଶ୍ୱର ବ୍ଲକ, ୧୪।୫ (ସମିସ): ଜଳେଶ୍ୱର ସହର ସିଦ୍ଧେଶ୍ୱର ହାଇସ୍କୁଲ ଶାସନବାଡ ପରିସରରେ ଏକ ରକ୍ତଦାନ ଶିବିର ଭୋଳା ଭଣ୍ଡାରି ଅନ୍ନଦାତା ପରିବାର ପକ୍ଷରୁ ଜିଲ୍ଲା ରକ୍ତଦାତା ସଂଘ ଓ ସମ୍ବାଦ ଆମ ଓଡ଼ିଶା ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ପରିବାର ସଭାପତି ଦୂର୍ଜୟ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ପ୍ରାକ୍ତନ ପ୍ରଧାନଶିକ୍ଷୟତ୍ରୀ ଗାୟତ୍ରୀ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ, ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ଜଳେଶ୍ୱର ରକ୍ତଦାତା ସଙ୍ଘର ସଭାପତି ଡ. ଅଜିତ କୁମାର ମହାନ୍ତି, ସିଦ୍ଧେଶ୍ୱର କ୍ଲବ ସଭାପତି ସରୋଜ କୁମାର ପାଣିଗ୍ରାହୀ, ସମ୍ପାଦକ ସଞ୍ଜୟ କୁମାର ବେରା, ଗ୍ରାମ୍ୟ ମୁଖ୍ୟ ଡା. ଅରୁଣ କୁମାର ପ୍ରଧାନ ଓ ଡାକ୍ତର ସତିଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରୁ ୪୯ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ପରିବାର ଉପ ସଭାପତି ଗିରିଜା ଶଙ୍କର ଦାସ, ସହ ସମ୍ପାଦକ ବିଶ୍ୱରଞ୍ଜି ଦାସ, କୋଷାଧ୍ୟକ୍ଷ ଶାନ୍ତନୁ କୁମାର ସେନାପତି, ଉପଦେଷ୍ଟା ଜତ୍ରୀମୟ ମହାପାତ୍ର, ସମ୍ପାଦକ ହରିଶଙ୍କର ପଣ୍ଡା ରକ୍ତଦାତାଙ୍କୁ ଧନ୍ୟବାଦ୍ ଦେଇଥିଲେ।



# ଆଶିଷ ପାତ୍ରଙ୍କ ପ୍ରାର୍ଥିପତ୍ର ଦାଖଲ

ଭୋଗରାଇ, ୧୪।୫ (ସମିସ): ନାମାଙ୍କନ ପତ୍ର ଦାଖଲର ଅନ୍ତିମ ଦିବସରେ ଭୋଗରାଇ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଆଶିଷ ପାତ୍ର ସାଙ୍ଗଠନିକ ଦକ୍ଷତା ଓ 'ରୋଡ ସୋ' ପ୍ରଦର୍ଶନ କରିଛନ୍ତି। ମଙ୍ଗଳବାର ସକାଳେ ପୂର୍ବ ଭାରତ ପ୍ରସିଦ୍ଧ ଶୈବପୀଠ ଆଶୁତୋଷ ବାବା ଚନ୍ଦନେଶ୍ୱର ମହାଦେବଙ୍କ ଠାରେ ପୂଜାର୍ଚ୍ଚନା ପରେ ଶ୍ରୀ ପାତ୍ରଙ୍କ ଏକ ବିଶାଳ 'ରୋଡ ସୋ' ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥକୁ ପ୍ରକମ୍ପିତ କରିଥିଲା। ଏହି ବିଶାଳ ଶୋଭାଯାତ୍ରା ବାଲେଶ୍ୱର ଆଇଟିଆଇ ପଡ଼ିଆରେ ପହଞ୍ଚିବା ପରେ ସେଠାରୁ ଏକ ବିଶାଳ ପଦଯାତ୍ରା ପୁଲିସ ଲାଇନ, ଷ୍ଟେସନ ଛକ, ଫକୀରମୋହନ ଗୋଲେଇ, ଫାଣ୍ଡି ଛକ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଭୋଗରାଇ ୩୬ ନଂ ବିଧାନସଭା କ୍ଷେତ୍ର ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଉପ ଜିଲ୍ଲାପାଳ ଶୁଭଶ୍ରୀ ରଥ ଓ ସହକାରୀ ରିଟର୍ଣ୍ଣିଂ ଅଫିସର ତଥା ଭୋଗରାଇ ତହସିଲଦାର ହିମାଂଶୁ ଶେଖର ଗିରିଙ୍କ ଠାରେ ଶ୍ରୀ ପାତ୍ର ନାମାଙ୍କନ ପତ୍ର ଦାଖଲ କରିଥିଲେ। ପ୍ରାର୍ଥୀ ଶ୍ରୀ ପାତ୍ରଙ୍କ ସହିତ ସାଂସଦ ପ୍ରାର୍ଥୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, କେନ୍ଦ୍ରୀୟ ପ୍ରଭାରୀ ମନୋରଞ୍ଜନ ମିଶ୍ର, ବାଲେଶ୍ୱର କ୍ଲଷ୍ଟର ପ୍ରଭାରୀ ବିରଞ୍ଚି ନାରାୟଣ ତ୍ରିପାଠୀ, ଲୋକସଭା ସଂଯୋଜକ ଶୁଭଙ୍କର ମହାପାତ୍ର, ଭୋଗରାଇ ବିଧାନସଭା କ୍ଷେତ୍ର ପ୍ରଭାରୀ ଅରବିନ୍ଦ ବେହେରା, ବିଧାନସଭା ସଂଯୋଜକ କ୍ୟାପଟେନ ଅଶୋକ ଦାସ, ପୂର୍ବତନ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ତଥା ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ସୁନୀଲ କୁମାର କର, ଭୋଗରାଇ ବିଜେପି ନେତା ଅଂଶୁମାନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



# ଜଗନ୍ନାଥପୁର, କାନ୍ତିଭଉଁରୀ, ଶଙ୍ଖାରୀରେ ବିଜେଡିର କର୍ମୀ ସମ୍ମିଳନୀ

ଚନ୍ଦନେଶ୍ୱର, ୧୪।୫(ସମିସ) :

ବାଲେଶ୍ୱର ଲୋକ ସଭା ଅଧୀନ ଭୋଗରାଇ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ସ୍ଥାନ ଓ ପଞ୍ଚାୟତରେ ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ଚାଲିଛି। ସମସ୍ତ କର୍ମୀ ସମାବେଶରେ ଦଳର ମୁଖପାତ୍ର ତଥା ବିଜେଡିର ଭୋଗରାଇ ବିଧାୟକ ପ୍ରାର୍ଥୀ ଗୌତମବୁଦ୍ଧ ଦାସ ଯୋଗଦେଇ ଦଳର କର୍ମକର୍ତ୍ତାମାନଙ୍କ ଉତ୍ସାହ ବଢ଼ାଇବାରେ ଲାଗିଛନ୍ତି। ଆମେ ରାଜ୍ୟ ସରକାରଙ୍କ ବିକାଶ କାମର ତାଲିକା ନେଇ ଭୋଟରଙ୍କ ପାଖକୁ ପହଞ୍ଚିଛୁ। ମୁଖ୍ୟମନ୍ତ୍ରୀ ଦେଇଥିବା ବିକାଶ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ଆମର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ। ନବୀନ ପଟ୍ଟନାୟକ ସରକାରରେ ହୋଇଥିବା ବିକାଶମୂଳକ କାମର ତାଲିକା ନେଇ ଭୋଟରଙ୍କ ପାଖକୁ ଯିବା ପାଇଁ ପ୍ରାର୍ଥୀ ଗୈତମବୁଦ୍ଧ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଭୋଗରାଇ ବିଧାନସଭା ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ଜଗନ୍ନାଥପୁର, କାନ୍ଠିଥଭଉଁରୀ ଓ ଶଙ୍ଖାରୀ ପଞ୍ଚାୟତର କର୍ମୀମାନଙ୍କୁ ନେଇ ସୋମବାର ପୃଥକ କର୍ମୀ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏହି ଅବସରରେ ଗୌତମବୁଦ୍ଧ କହିଥିଲେ ମୁଖ୍ୟମନ୍ତ୍ରୀ ଆଗାମୀ ୧୨ ବର୍ଷ ମଧ୍ୟରେ ଓଡ଼ିଶାକୁ ନମ୍ବର ୱାନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ତେଣୁ ବିଜେଡି ଇସ୍ତାହାରରେ ସମସ୍ତ ବର୍ଗର ଲୋକଙ୍କ ଉନ୍ନତି ପାଇଁ ଯୋଜନା ରଖାଯାଇଛି। ଯୁବବର୍ଗଙ୍କ ଉନ୍ନତି ପାଇଁ ସ୍ୱତନ୍ତ୍ର ଭାବେ ବଜେଟ୍ ପ୍ରସ୍ତୁତ କଥା ହେଉ କି ମହିଳାମାନଙ୍କୁ ୧୦ଲକ୍ଷ ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ, ସମସ୍ତ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ କରି ଏକ ବିକଶିତ ଓଡ଼ିଶା ଗଠନ ପ୍ରତି ଦୃଷ୍ଟି ଦିଆଯିବ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡା, ଗମନାଗମନ, ପରିବହନ ଏଭଳି ଅନେକ କିଛି ଯୋଜନା ଓ ପ୍ରକଳ୍ପର ସମ୍ଭାର ଭେଟିଦେବେ ନବୀନ ପଟ୍ଟନାୟକ। ସେହିଭଳି ବିଏସ୍‌କେୱାଇ କାର୍ଡ ଓଡ଼ିଶାବାସୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଛି। କଲେଜ ଛାତ୍ରୀଛାତ୍ରଙ୍କୁ ନୂଆ ଓ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ଏହି ସବୁ ଯୋଜନାକୁ ଆପଣମାନଙ୍କୁ ପ୍ରତି ଲୋକଙ୍କ ପାଖକୁ ପହଞ୍ଚାଇବାକୁ ପଡ଼ିବ ଏବଂ 'ଶଙ୍ଖ' ସପକ୍ଷରେ ବିପୁଳ ଜନସମର୍ଥନ ସଂଗ୍ରହ କରାଇବା ପାଇଁ ପଦକ୍ଷେପ ନେବାକୁ ସେ କହିଥିଲେ। ଏହି ସମସ୍ତ ସମାବେଶରେ ପୂର୍ବତନ ବିଧାୟକ ସୁଶାନ୍ତ କୁମାର ଚାନ୍ଦ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବିର କୁମାର ଗିରି, ଜିଲ୍ଲା ବିଜେଡି ସଭାପତି ରମାକାନ୍ତ କରଣ, ଜିଲ୍ଲା ବିଜେଡି ଉପସଭାପତି ତପନ କୁମାର ପଣ୍ଡା, ଜିଲ୍ଲା ପରିଷଦ ପ୍ରତୀମା ଚାନ୍ଦ, ପୂର୍ବତନ ଜିଲ୍ଲାପରିଷଦ ଦେବାଶିଷ ଚାନ୍ଦ, ପ୍ରଦୀପ ବେହେରା, ବାଦଲ ସେନାପତି ପ୍ରମୁଖ ନେତୃବୃନ୍ଦ ଯୋଗ ଦେଇ ବିକଶିତ ଓଡ଼ିଶା ଗଠନ ପାଇଁ ବିଜେଡିକୁ ପୁନର୍ବାର ସୁଯୋଗ ଦେବାକୁ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ମାନ ପରିଚାଳନାରେ ଯୁବନେତା ଦେବପ୍ରକାଶ ଚାନ୍ଦ, କାନ୍ତିଭଉଁରୀ ପଞ୍ଚାୟତରେ ସରପଞ୍ଚଙ୍କ ପ୍ରତିନିଧି ଶ୍ରୀହରି ଜେନା, ଗୁଣାକର ମାଝି, ପୂର୍ବତନ ସରପଞ୍ଚ ମମତା ଭୋଳ ସମେତ ପଞ୍ଚାୟତର ବିଜୁଜନତା ଦଳର ସମସ୍ତ ସଦସ୍ୟ ଓ କର୍ମୀ, ଜଗନ୍ନାଥ ପୁର ପଞ୍ଚାୟତର ସରପଞ୍ଚ ଅଶୋକ ସାସମଲ, ସମିତି ସଦସ୍ୟ ସୁମିତା ପ୍ରଧାନ, ରମାକାନ୍ତ ପରିଡ଼ା, ଶ୍ରୀକାନ୍ତ ପ୍ରଧାନ ସମେତ ୱାର୍ଡ ସଦସ୍ୟ ଓ ଦଳୀୟ କର୍ମୀ, ଶଙ୍ଖାରୀ ପଞ୍ଚାୟତର ସରପଞ୍ଚ ସିଦ୍ଧେଶ୍ୱରୀ ପାତ୍ର, ସଦସ୍ୟ ସୁବାସିନୀ ଜେନା, ସୁଧୀର ପାତ୍ର, ପ୍ରଦୀପ ଜେନା, ଅରବିନ୍ଦ ଦିଣ୍ଡା, ନିଶିକାନ୍ତ ଭୋଳ ସମେତ ବହୁସଂଖ୍ୟକ କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ। କର୍ମୀମାନଙ୍କୁ ନିର୍ବାଚନୀ ମନ୍ତ୍ର ଦେବା ସହିତ ଆପଣମାନେ ହିଁ ଦଳର ସ୍ତମ୍ଭ ବୋଲି ଗୌତମବୁଦ୍ଧ ଦାସ କହିଥିଲେ।



